بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 9

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ

ବଦର୍

Weekly BADAR Qadian

କାଦିଆନ

Odia

ସଂଖ୍ୟା: 34

ବାର୍ଷିକ ଦେୟ : 600/-

www.akhbarbadr.in

16 ସଫର୍ 1446 ହି.କ, 22 ଜୁହୁର୍ 1403 ହି.ଶ, 22 Aug-2024 ମସିହା


## ଅଲ୍ଲାଃତାଲାଙ୍କ ବାଣୀ

اِنَّ الَّذِیۡنَ اٰمَنُوۡا ثُمَّ کَفَرُوۡا ثُمَّ اٰمَنُوۡا ثُمَّ کَفَرُوۡا ثُمَّ ازۡدَادُوۡا کُفۡرًا لَّمۡ یَکُنِ اللّٰہُ لِیَغۡفِرَ لَہُمۡ وَلَا لِیَہۡدِیَہُمۡ سَبِیۡلًا

**(ବନି ଇସ୍ରାଇଲ୍: 138)**

ଅନୁବାଦ: ବାସ୍ତବିକ ଯେଉଁମାନେ ବିଶ୍ୱାସ କରି ତା' ପରେ ଅବଜ୍ଞା ପ୍ରଦର୍ଶନ କରିଛନ୍ତି, ପୁଣି ବିଶ୍ୱାସ ସ୍ଥାପନ କରି ପୁନର୍ବାର ଅବଜ୍ଞା କରି-ଛନ୍ତି ଓ ପୁନରାୟ ଅବଜ୍ଞା କରିବାରେ ଅଗ୍ରସର ହୋଇଥାନ୍ତି, ଅଲ୍ଲାଃ ସେ-ମାନଙ୍କୁ କଦାପି କ୍ଷମା କରିବେ ନାହିଁ ଓ ସେମାନଙ୍କୁ କୌଣସି ମୁକ୍ତି ପଥ ଦେଖାଇବେ ନାହିଁ ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

**(1038)** ହ. ଜୈଦ୍ ବିନ୍ ଖାଲିଦ୍ ଜୁହନୀ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ହୁଦୈବିୟାହ୍ ଠାରେ ଆମମାନଙ୍କୁ ସକାଳ ନମାଜ ବର୍ଷା ସରିବା ପରେ ପାଠ କରାଇଥିଲେ । ଉକ୍ତ ବର୍ଷା ରାତ୍ର ସମୟରେ ଆରମ୍ଭ ହୋଇଥିଲା । ଆଁହଜରତ ସ.ଅ ଯେତେବେଳେ ନମାଜ ପାଠ କରିସାରିଲେ ସେତେବେଳେ ଆପଣ ସ.ଅ ଲୋକଙ୍କ ଆଡ଼କୁ ମୁହଁ କରି କହିଲେ, ହେ ଲୋକମାନେ ! କ'ଣ ତୁମେମାନେ ଜାଣ କି ଅଲ୍ଲାଃତାଲା କ'ଣ କହିଛନ୍ତି ? ଲୋକମାନେ କହିଲେ, ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ଉତ୍ତମ ରୂପେ ଜାଣନ୍ତି । ଆପଣ ସ.ଅ କହିଲେ, ଅଲ୍ଲାଃତାଲା କହିଛନ୍ତି,"ଆଜି ସକାଳେ ମୋର ଭକ୍ତମାନଙ୍କ ମଧ୍ୟରୁ କେହି ମୋର ବିଶ୍ୱାସକାରୀ ଅଛନ୍ତି ଓ କେହି ମୋର ଅବିଶ୍ୱାସକାରୀ ଅଟନ୍ତି ।

ଅତଏବ୍ ଯେଉଁ ବ୍ୟକ୍ତି ଏହା କହିଲା କି ଆମ ଉପରେ ଅଲ୍ଲାଃତାଲା ନିଜର କୃପା ତଥା ଦୟାବତୀର୍ଣ୍ଣମୂଳକ ବୃଷ୍ଟିପାତ କରାଇଛନ୍ତି ତେବେ ସେହି ବ୍ୟକ୍ତି ବା ଭକ୍ତ ମୋର ବିଶ୍ୱାସକାରୀ ଭକ୍ତ ଅଟେ । ସେହିପରି ଯେଉଁ ବ୍ୟକ୍ତି ଏହା କହିଲା କି ଉକ୍ତ ବର୍ଷା ଅମକ ତାରକାର ଅମକ ସ୍ଥାନକୁ ଆସିଯିବା ଦ୍ୱାରା ହୋଇଛି ତେବେ ସେହି ବ୍ୟକ୍ତି ମୋର ପ୍ରତ୍ୟାଖ୍ୟାନକାରୀ ଅଟେ ଏବଂ ତାରକାମାନଙ୍କର ସେ ବିଶ୍ୱାକାରୀ ଅଟେ ।"

**(1039)** ହ. ଇବନେ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ, ଆଦୃଷ୍ଟ ସଂପର୍କିତ ବିଷୟକୁ 5 ଭାଗରେ ବିଭକ୍ତ କରାଯାଇଛି ।

ଉକ୍ତ ବିଷୟ ସଂକ୍ରାନ୍ତରେ କେବଳ ଅଲ୍ଲାଃତାଲା ହିଁ ଅବଗତ ଅଟନ୍ତି । କୌଣସି ବ୍ୟକ୍ତି ଏହା ଜାଣି ନାହିଁ ଯେ, କାଲି କ'ଣ ଘଟିବ ଏବଂ କୌଣସି ବ୍ୟକ୍ତି ଏହା ଜାଣି ନାହିଁ ଉଦର (ପେଟ) ମଧ୍ୟରେ କ'ଣ ରହିଛି, କୌଣସି ଜୀବ (ଏଠାରେ ଜୀବରୁ ଯଥାର୍ଥ ମନୁଷ୍ୟାତ୍ମା ଅଟେ) ଏହା ଜାଣି ନାହିଁ ଯେ, ସେ କାଲି କ'ଣ ଉପାର୍ଜନ କରିବ, କୌଣସି ଆତ୍ମା ଏହା ଜାଣି ନାହିଁ ଯେ, ସେ କେଉଁ ଦେଶରେ ମୃତ୍ୟୁବରଣ କରିବ ଓ କୌଣସି ବ୍ୟକ୍ତି ଏହା ଜାଣି ନାହିଁ ଯେ, ବୃଷ୍ଟିପାତ କେବେ ହେବ ?

**(ବୁଖାରୀ କିତାବ୍ ଇଲାହିୟାହ୍)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ପରସ୍ପର ମଧ୍ୟରେ ଭ୍ରାତୃତ୍ୱତା ଏବଂ ପ୍ରେମ ସୃଷ୍ଟି କର । ପାଶବିକତା ଏବଂ ମତଭେଦକୁ ପରିତ୍ୟାଗ କରିଦିଅ । ପ୍ରତ୍ୟେକ ପ୍ରକାରର ଉପହାସ ଏବଂ ଟାହି ଟାପରା ଠାରୁ ଦୂରେଇ ରହ । କାରଣ ଉପହାସ ମନୁଷ୍ୟର ହୃଦୟକୁ ସତ୍ୟତା ଠାରୁ ଦୂରେଇ ଦେଇଥାଏ । ଫଳରେ ମନୁଷ୍ୟ ଯେଉଁ ସ୍ଥାନରେ ପହଞ୍ଚିବା କଥା ସେ ସେହି ସ୍ଥାନରେ ନପହଞ୍ଚି ଅନ୍ୟତ୍ର ପହଞ୍ଚି ଯାଇଥାଏ ।**

### ନିଜ ଜୀବନରେ ପରିବର୍ତ୍ତନ ସୃଷ୍ଟି କର

ପ୍ରକୃତ କଥା ଏହିକି ଯେ, ଈଶ୍ୱର ଯାହା ଚାହାନ୍ତି ତାହା ସେ କରନ୍ତି । ଅର୍ଥାତ୍ ପ୍ରଭୁ ନିର୍ଜନ ସ୍ଥାନକୁ ଜନବସତିରେ ପରିଣତ କରି ଦିଅନ୍ତି ଓ ଜନବସତି ଅଞ୍ଚଳକୁ ଜନଶୂନ୍ୟରେ ପରିଣତ କରି ଦିଅନ୍ତି । ଅଲ୍ଲାଃତାଲା ବାବୁଲ୍ ସହିତ ଆଉ କ'ଣ କଲେ କି? ମନୁଷ୍ୟ ଯେଉଁଠି ବସତି ସ୍ଥାପନ କରିବାକୁ ଇଚ୍ଛା ପ୍ରକାଶ କରୁଥିଲା ସେହି ସ୍ଥାନ ପେଚାମାନଙ୍କର ରହଣୀ ସ୍ଥଳ ପାଟଲଟିଗଲା ଓ ଯେଉଁଠି ମନୁଷ୍ୟ ଚାହୁଁଥିଲା ଯେ, ଉକ୍ତ ସ୍ଥାନ ନିର୍ଜନ ତଥା ଜନଶୂନ୍ୟ ହୋଇଯାଉ ତେବେ ସେହି ସ୍ଥାନ ସମଗ୍ର ସଂସାରବାସୀଙ୍କ ନିମନ୍ତେ ପ୍ରତ୍ୟାବର୍ତ୍ତନ ସ୍ଥଳୀ ପାଲଟିଗଲା । ସୁତରାଂ ଉକ୍ତ କଥାକୁ ଭଲ ଭାବରେ ମନେରଖ ଯେ, ଔଷଧ ଏବଂ ଉଦ୍ୟମ ଉପରେ ଭରସା କରି ଈଶ୍ୱରଙ୍କୁ ପରିତ୍ୟାଗ କରିଦେବା ମୂର୍ଖତା ଅଟେ । ତେଣୁ ଏପରି ଜୀବନ ହେବା ଉଚିତ୍ ଯାହାକି ନୂତନ ହୋଇଥିବ । ଅତ୍ୟଧିକ ଇସ୍ତିଗଫାର୍ (କ୍ଷମାଯାଚନା କର) ଯେଉଁ ବ୍ୟକ୍ତିମାନେ କର୍ମବହୁଳ ଓ କର୍ମବ୍ୟସ୍ତ ଅଟନ୍ତି ସେମାନଙ୍କୁ ଅଧିକ ଭୟ କରିବା ଉଚିତ୍ । ଚାକିରୀଆ ଲୋକମାନ ଅନେକ ଦାୟିତ୍ୱ ସମ୍ପାଦନ କରିପାରନ୍ତି ନାହିଁ । ସୁତରାଂ ବେଳେବେଳେ ଜୋହୋର ଓ ଅସର୍ ନମାଜ ଜମା (ଦୁଇଟି ନମାଜକୁ ଏକତ୍ର କରି ପାଠ କରିବା) ଓ ମଗରିବ୍ ଏବଂ ଇସା ନମାଜକୁ ଏକତ୍ର କରି ପାଠ କରିବା ବୈଧ ଅଟେ । ମୁଁ ଜାଣେ ଯେ, ଶାସକଙ୍କୁ ଯଦି ନମାଜ ପାଠ କରିବା ନିମନ୍ତେ ପଚରାଯାଏ ତେବେ ସେ ଅନୁମତି ପ୍ରଦାନ କରିଦେଇ ଥାଆନ୍ତି । ତେଣୁ ସର୍ବୋଚ୍ଚ ଶାସକଙ୍କ ଅଧୀନରେ ଥିବା ଅଫିସରମାନଙ୍କୁ ଏହି ନିର୍ଦ୍ଦେଶ ଦିଆଯାଇଥାଏ ଯେ, ସେମାନେ ନିଜର ଅଧସ୍ତନ କର୍ମଚାରୀଙ୍କୁ ନମାଜ ପାଠ କରିବାକୁ ଅନୁମତି ଦିଅନ୍ତୁ । ନମାଜ ପରିତ୍ୟାଗ କରିବାରେ ଏପରି ଅଯଥା ଅପରିପକ୍ୱତା ବ୍ୟତୀତ ଅନ୍ୟ କୌଣସି ବାହାନା ନଥାଏ । ତେଣୁ ତୁମେମାନେ ଅଲ୍ଲାଃତାଲା ଓ ତାହାଙ୍କ ଭକ୍ତମାନଙ୍କର ଅଧିକାର ସମ୍ପାଦନ କରିବାରେ କେବେ ବି ଅବହେଳା ଓ ଅତ୍ୟାଚାର ପ୍ରଦର୍ଶନ କର ନାହିଁ ।

### ତୁମେମାନେ ଈଶ୍ୱରଙ୍କ ପ୍ରିୟ ଭକ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯାଅ

ଦିନଗୁଡ଼ିକ ଅତ୍ୟନ୍ତ ସମ୍ବେଦନଶୀଳ ଅଟେ । ଅଲ୍ଲାଃତାଲାଙ୍କର କୋପ ତଥା କ୍ରୋଧରୁ ଭୟଭୀତ ହେବା ଉଚିତ୍ । ଅଲ୍ଲାଃତାଲା ପୁଣ୍ୟବାନ ଏବଂ ସଦାଚାରୀ ବ୍ୟକ୍ତି ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିକୁ ଭ୍ରୂକ୍ଷେପ କରନ୍ତି ନାହିଁ । ତେଣୁ ତୁମେମାନେ ପରସ୍ପର ମଧ୍ୟରେ ଭ୍ରାତୃତ୍ୱତା ଏବଂ ପ୍ରେମ ସୃଷ୍ଟି କର । ପାଶବିକତା ଏବଂ ମତଭେଦକୁ ପରିତ୍ୟାଗ କରିଦିଅ। ପ୍ରତ୍ୟେକ ପ୍ରକାରର ଉପହାସ ଏବଂ ଟାହି ଟାପରା ଠାରୁ ଦୂରେଇ ରହ । କାରଣ ଉପହାସ ମନୁଷ୍ୟର ହୃଦୟକୁ ସତ୍ୟତା ଠାରୁ ଦୂରେଇ ଦେଇଥାଏ । ଫଳରେ ମନୁଷ୍ୟ ଯେଉଁ ସ୍ଥାନରେ ପହଞ୍ଚିବା କଥା ସେ ସେହି ସ୍ଥାନରେ ନପହଞ୍ଚି ଅନ୍ୟତ୍ର ପହଞ୍ଚି ଯାଇଥାଏ ।

ପରସ୍ପର ପ୍ରତି ସମ୍ମାନ ପ୍ରଦର୍ଶନ କର, ପ୍ରତ୍ୟେକ ବ୍ୟକ୍ତି ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ଉପରେ ଅନ୍ୟକୁ ପ୍ରାଧାନ୍ୟ ଦେଉ, କାରଣ ଉପହାସ ମନୁଷ୍ୟର ହୃଦୟକୁ ସତ୍ୟତା ଠାରୁ ଦୂରେଇ ଦେଇଥାଏ । ଫଳରେ ମନୁଷ୍ୟ ଯେଉଁ ସ୍ଥାନରେ ପହଞ୍ଚିବା କଥା ସେ ସେହି ସ୍ଥାନର ନପହଞ୍ଚି ଅନ୍ୟତ୍ର ଯାଇ ପହଞ୍ଚିଯାଏ । ଅଲ୍ଲାଃତାଲାଙ୍କ ସହିତ ଏକ ପ୍ରକୃତ ସଂପର୍କ ସୃଷ୍ଟି କର ଏବଂ ତାହାଙ୍କ ଆଜ୍ଞାବହତା ସ୍ୱୀକାର କର ଓ ପ୍ରତ୍ୟାବର୍ତ୍ତନ କର। କାରଣ ଉପହାସ ମନୁଷ୍ୟର ହୃଦୟକୁ ସତ୍ୟତା ଠାରୁ ଦୂରେଇ ଦେଇଥାଏ । ଫଳରେ ମନୁଷ୍ୟ ଯେଉଁ ସ୍ଥାନରେ ପହଞ୍ଚିବା କଥା ସେ ସେହି ସ୍ଥାନର ନପହଞ୍ଚି ଅନ୍ୟତ୍ର ଯାଇ ପହଞ୍ଚିଯାଏ । ଅଲ୍ଲାଃତାଲାଙ୍କ କୋପ ଓ ତାହାଙ୍କ କ୍ରୋଧ ଧରାପୃଷ୍ଠରେ ଅବତୀର୍ଣ୍ଣ ହେଉଅଛି। କାରଣ ଉପହାସ ମନୁଷ୍ୟର ହୃଦୟକୁ ସତ୍ୟତା ଠାରୁ ଦୂରେଇ ଦେଇଥାଏ । ଫଳରେ ମନୁଷ୍ୟ ଯେଉଁ ସ୍ଥାନରେ ପହଞ୍ଚିବା କଥା ସେ ସେହି ସ୍ଥାନର ନପହଞ୍ଚି ଅନ୍ୟତ୍ର ପହଞ୍ଚି ଯାଇଥାଏ । ସେହି କୋପରୁ ସେହିମାନେ ହିଁ ବର୍ତ୍ତିପାରିବେ ଯେଉଁମାନେ ପୂର୍ଣ୍ଣ ରୂପେ ନିଜର ସମସ୍ତ ପାପ ଠାରୁ କ୍ଷମାଯାଚନା କରି ତାହାଙ୍କ ନିକଟକୁ ଚାଲି ଆସିବେ । **(ମଲ୍‌ଫୁଜାତ୍, ଭାଗ-2, ପୃ-25, ସଂସ୍କରଣ ବର୍ଷ-2018 ମସିହା)**

**ଅବିଶ୍ୱାସକାରୀମାନେ ଆଶ୍ଚର୍ଯ୍ୟଭାବ ପ୍ରକାଶ କରୁଥିଲେ ଯେ, ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଉପରେ କିପରି ଐଶୀବାଣୀ ଅବତୀର୍ଣ୍ଣ ହୋଇଗଲା ? ଏହି ଅବସ୍ଥା ଆଜିକାଲି ମୁସଲମାନମାନଙ୍କର ଅଟେ । ସେମାନେ ମଧ୍ୟ କୁହନ୍ତି ଯେ, ହ. ଇସା ଅ.ସ ଆକାଶରୁ ଆସି ଆମମାନଙ୍କୁ ତିରସ୍କାର ଏବଂ ଅଧୋଗତିରୁ ଉଦ୍ଧାର କରିବେ । ଆମମାନଙ୍କ ମଧ୍ୟରେ ଏପରି ବ୍ୟକ୍ତି ଜନ୍ମ ଗ୍ରହଣ କରିପାରିବ ନାହିଁ ବା ସୃଷ୍ଟି ହୋଇ ପାରିବ ନାହିଁ ଯିଏ ଆମମାନଙ୍କର ଉପଚାର ତଥା ଆମମାନଙ୍କର ଚିକିତ୍ସା କରିପାରିବ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାହ୍ ୟୁନୁସ୍‌ର ଆୟତ୍ ସଂଖ୍ୟା 4 أَكَانَ لِلنَّاسِ عَجَبًا أَنْ أَوْحَيْنَا إِلَىٰ رَجُلٍ مِّنْهُمْ ର ବ୍ୟାଖ୍ୟା କରି କୁହନ୍ତି: "ଅର୍ଥାର୍ତ୍ ଅବିଶ୍ୱାସକାରୀମାନେ ଆଶ୍ଚର୍ଯ୍ୟ ଚକିତ୍ ଥିଲେ ଯେ, ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଉପରେ କିପରି ଐଶୀବାଣୀ ଅବତୀର୍ଣ୍ଣ ହୋଇଗଲା ? ଜାତିମାନଙ୍କ ମଧ୍ୟରେ ଉକ୍ତ ମନୋଭାବଟି ସର୍ବଦା ବିଦ୍ୟମାନ ରହିଥାଏ ଯେ, ଆମମାନଙ୍କ ମଧ୍ୟରେ ବଡ଼ ବ୍ୟକ୍ତି ବା ମହାପୁରୁଷ ଜନ୍ମ ଗ୍ରହଣ ହୋଇପାରିବ ନାହିଁ । ଅର୍ଥାତ୍ ଅବିଶ୍ୱାସକାରୀମାନେ ନିଜର ଅବସ୍ଥା ଯୋଗୁଁ ଏତେ ମାତ୍ରାରେ ହତୋତ୍ସାହିତ ହୋଇ ଯାଇଥେଲେ ଯେ, ସେମାନେ ବିଶ୍ୱାସ କିରିପାରୁ ନଥିଲେ ସେମାନଙ୍କର ଉପଚାର ସେମାନଙ୍କ ମଧ୍ୟରେ ହିଁ ବିଦ୍ୟମାନ ରହିଛି । ସେମାନେ ଏହା ଭାବୁଥିଲେ ଯେ, ସେମାନଙ୍କୁ ଆଗକୁ କଢାଇ ନେବା ପାଇଁ ଏବଂ ସେମାନଙ୍କର ଉନ୍ନତି ସାଧାନ କରିବା ପାଇଁ ତଥା ସେମାନଙ୍କର ଉପଚାର କରିବା ନିମନ୍ତେ ବାହାରୁ ଜଣେ ବ୍ୟକ୍ତି ଆସିବା ଉଚିତ୍।

ଏହି ଅବସ୍ଥା ଆଜି କାଲି ଅନେକ ମୁସଲମାନ-ମାନଙ୍କର ରହିଛି । ସେମାନେ ମଧ୍ୟ ଏକଥା କୁହନ୍ତି ଯେ, ହ. ଇସା ଅ.ସ ହିଁ ଆକାଶରୁ ଆସି ଆମମାନଙ୍କୁ ତିରସ୍କାର ଏବଂ ଅଧୋଗତି ତଥା ପତନରୁ ଉଦ୍ଧାର କରିବେ । ଆମକୁ ମୁକ୍ତି ପ୍ରଦାନ କରିବେ । ଉକ୍ତ ପ୍ରସଙ୍ଗରେ ସେମାନେ ପୂର୍ବ ଜାତିମାନଙ୍କ ସହିତ ସମାଞ୍ଜସ୍ୟତା ରଖୁଛନ୍ତି । ସେମାନଙ୍କ ମଧ୍ୟରେ ସେହି ନିରାଶା ଓ ହତୋତ୍ସାହ ବିଦ୍ୟମାନ ରହିଛି । ସେମାନେ ସେହି ଇସା ଅ.ସଙ୍କୁ ପ୍ରତିକ୍ଷା କରୁଛନ୍ତି ଯିଏ ଆସି ସେମାନଙ୍କର ତ୍ରୁଟି ସଂଶୋଧନ କରିବେ ।

ଉକ୍ତ ପନ୍ଥାକୁ ସେମାନେ ଉପଚାରର ପନ୍ଥା ବୋଲି ମନେ କରୁଛନ୍ତି । ସେହି ଲୋକମାନେ ଯେଉଁମାନେ ଜାତୀୟ ବିକାଶ ନିମନ୍ତେ ନିଜ ମନ ଭିତରେ ଉକ୍ତ ଆଶା, ଆନନ୍ଦ, ଉଲ୍ଲାସ ମୂଳରୁ ହିଁ ପୋଷଣ କରୁ ନଥିଲେ । ଅବା ସେମାନେ ଏହା ମେନେକରୁଥିଲେ ଯେ, ଖାର୍‌ଜି (ବାହ୍ୟ ବା ମୁସଲମାନମାନଙ୍କର ଏକ ସଂପ୍ରଦାୟ ଯିଏ ହ. ଅଲୀ ର.ଅଙ୍କୁ ସ୍ୱୀକାର କରେ ନାହିଁ) ଚିକିତ୍ସା ଏବଂ ଉପଚାର ବ୍ୟତିରେକ କିଛି ହୋଇପାରିବ ନାହିଁ ।

ତେଣୁ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଯେତେବେଳେ ଦାବି କଲା ଯେ, ମୁଁ ତୁମମାନଙ୍କର ଉପଚାର ତଥା ଚିକିତ୍ସା କରିବି । ମୁଁ ତୁମମାନଙ୍କୁ ବିକାଶ ଅଭିମୁଖେ ନେଇଯିବି । ସେତେବେଳେ ସେମାନେ କେବଳ ଆଶ୍ଚର୍ଯ୍ୟଚକିତ ହେଲେ ନାହିଁ, ସେମାନଙ୍କର ଆଶ୍ଚର୍ଯ୍ୟର ସୀମା ନଥିଲା । ବରଂ ସେମାନେ ଉକ୍ତ ଆଶ୍ଚର୍ଯ୍ୟ ଭାବ ପ୍ରକାଶ କଲେ ଯେ, ଯେଉଁ କଥା ଅସମ୍ଭବ ଥିଲା ତାହାକୁ ସମ୍ଭବ କରିବାକୁ ଉକ୍ତ ବ୍ୟକ୍ତି କିପରି ଦାବି କଲା ?

**ଦ୍ୱତୀୟତଃ** ସେମାନଙ୍କ ନିମନ୍ତେ ଯେଉଁ ପ୍ରସଙ୍ଗ ଆଶ୍ଚର୍ଯ୍ୟକର ହୋଇଯାଇଥିଲା ତାହା ଏହା ଥିଲି କି ଉକ୍ତ ଦାବିକର୍ତ୍ତା ଏହି ଦାବି କରୁଥିଲା ଯେ, ମୋତେ ପ୍ରଭୁ ଲୋକମାନଙ୍କୁ ସତର୍କ କରାଇବା ନିମନ୍ତେ ଆଦେଶ ଦେଇଛନ୍ତି । ଅର୍ଥାତ୍ କେତେକ ପୁରାତନ ପ୍ରସଙ୍ଗକୁ ପରିତ୍ୟାଗ କରିଦିଅ ଏବଂ କେତେକ ନୂତନ ପ୍ରସଙ୍ଗକୁ ଅବଲମ୍ବନ କରିନିଅ । ଏପରି ଲୋକମାନଙ୍କ ସକାଶେ ଉକ୍ତ କଥା ସର୍ବଦା ଆଶ୍ଚର୍ଯ୍ୟକର ହିଁ ହୋଇଥାଏ । ଅର୍ଥାତ ସେମାନେ କୁହନ୍ତି ଯେ, ରସୁଲ୍ ଏହା କୁହନ୍ତି ଯେ, ପ୍ରଚିଳିତ ବ୍ୟବସ୍ଥାକୁ ଭଙ୍ଗ କରିଦିଅ ଏବଂ ନୂତନ ବ୍ୟବସ୍ଥାକୁ ଅବଲମ୍ବନ କର ।

ଅବିଶ୍ୱାସକାରୀମାନଙ୍କର ଉପରୋକ୍ତରେ ବର୍ଣ୍ଣିତ ଦୁଇଟି ପ୍ରସଙ୍ଗ ବିରୋଧାତ୍ମକ ଓ ବିପରୀତାତ୍ମକ ଅଟେ । ଏକ ପକ୍ଷରେ ସେମାନଙ୍କ ମଧ୍ୟରେ ନିରାଶା ଓ ହତୋତ୍ସାହ ଭାବ ବିଦ୍ୟମାନ ରହିଛି । ଅର୍ଥାତ୍ ସେମାନେ ଏହା ମନେ କରନ୍ତି ଯେ, ଆମମାନଙ୍କର ଚିକିତ୍ସା ତଥା ଉପଚାର ନିମନ୍ତେ କୌଣସି ବ୍ୟକ୍ତି (ଅବତାର) ଆସି ପାରିବ ନାହିଁ । ଅନ୍ୟ ପଟରେ ସେମାନେ ଉକ୍ତ ପ୍ରସଙ୍ଗ ଉପରେ କଳହ କରନ୍ତି ଯେ, ଆମମାନଙ୍କର ବ୍ୟବସ୍ଥାକୁ ତୁମେ କାହିଁକି ପରିବର୍ତ୍ତନ କରୁଛ ? ହ. ମୁସ୍‌ଲେହ୍ ମଉଦ୍ ର.ଅ କହିଲେ, ଉକ୍ତ ଅବସ୍ଥା ଏବଂ ଚିନ୍ତାଧାରା ହେଉଛି ପତିତ ତଥା ନୀଚ ସଂପ୍ରଦାୟ ଓ ନୀଚ ଜାତିର ଅବସ୍ଥା ।

ସେହି ଜାତି ବା ସେହି ସଂପ୍ରଦାୟ ଏହା ଚାହିଁଥାଏ ଯେ, ନା କିଛି ପରିତ୍ୟାଗ (ଛାଡ଼ିବାକୁ) କରିବାକୁ ପଡ଼ିବ ଓ ନା ହିଁ କିଛି କରିବାକୁ ପଡ଼ିବ । ଜଣେ ବ୍ୟକ୍ତି (ଅବତାର) ବାହାରୁ ଆସି ସେମାନଙ୍କର ସାଂପ୍ରତିକ ଓ ପ୍ରଚଳିତ ବ୍ୟବସ୍ଥାକୁ ଅବ୍ୟାହତ ରଖି ସେମାନଙ୍କୁ ଉନ୍ନତି ତଥା ଉତ୍ତରୋତ୍ତର ପଥରେ ଆଗେଇ ନେଇଯାଉ । ନା ସେମାନଙ୍କୁ ଶିକ୍ଷାର୍ଜନ କରିବାକୁ ପଡ଼ିବ, ନା ସେମାନଙ୍କୁ ଉଦ୍ୟମ ଓ ପରିଶ୍ରମ କରିବାକୁ ପଡ଼ିବ । ନା ସେମାନଙ୍କୁ ଖରାପ କଥା ପରିତ୍ୟାଗ କରିବାକୁ ପଡ଼ିବ । ବରଂ ଜଣେ ବ୍ୟକ୍ତି (ଅବତାର) ବାହାରୁ ଆସୁ ଏବଂ ଅନ୍ୟ ଲୋକମାନଙ୍କର ହତ୍ୟା ତଥା ସଂହାର କରିଦେଉ ଓ ସେମାନଙ୍କୁ ସବୁକିଛି ପ୍ରାପ୍ତ ହୋଇଯାଉ । ସେମାନେ ଏହା ଭାବୁ ନାହନ୍ତି ଯେ, ସେମାନଙ୍କର ପ୍ରଥମ ବ୍ୟବସ୍ଥା ଯଦି ସଠିକ୍ ଥାଆନ୍ତା ତେବେ ସେମାନେ ତିରସ୍କାର ଏବଂ ଅଧୋଗତି ତଥା ପତନର ଶିକାର କାହିଁକି ହୋଇଥାଆନ୍ତେ ? ସୁତରାଂ ସେହି ଲୋକମାନଙ୍କର ସାଂପ୍ରତିକ ବ୍ୟବସ୍ଥାକୁ ଭାଙ୍ଗିବା ଦ୍ୱାରା ହିଁ ନୂତନ କାମ ହୋଇପାରିବ । ଅର୍ଥାତ୍ ସଫଳତା ପ୍ରାପ୍ତ ହୋଇପାରିବ । **(ତଫ୍‌ସିର୍ କବିର, ଭାଗ-3, ପୃ-16, ପ୍ରକାଶନ ସ୍ଥାନ-କାଦିଆନ୍ 2010 ମସିହା)**

☆--☆--☆

## ବିଗତ ବଦର୍ ସଂଖ୍ୟା-33, ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମା-3-11-23ର ଅବଶିଷ୍ଟାଂଶ.......

ଉକ୍ତ ଫର୍ମ (କାରଖାନା ବା କମ୍ପାନୀ)ର ମାଲିକ କହିଲା, ଆପଣ ନିଜର ପୁରାତନ କମ୍ପାନୀର କାର୍ଯ୍ୟାଳୟକୁ ଛାଡ଼ି ଦେଇଛନ୍ତି ସେଇଥି ପାଇଁ ଆପଣଙ୍କୁ ତିନି ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ମାସରେ ନିୟମିତ ରୂପେ 2000/- ୟୁରୋ ଲେଖାଏଁ ତିନୋଟି କିସ୍ତିରେ ବୋନସ୍ ପ୍ରଦାନ କରାଯିବ ଏବଂ କାମ ସଂକ୍ରାନ୍ତରେ କୁହାଗଲା କି ଶୁକ୍ରବାର ଏବଂ ଶନିବାର ଓ ରବିବାର ଦିନ ଛୁଟି ରହିବ । ସେହିପରି ଅଲ୍ଲାଃତାଲାଙ୍କ କୃପାରୁ ତେହ୍‌ରିକେ ଜଦିଦ୍‌ରେ ଅତିରିକ୍ତ ବଳିଦାନ ଦେବା ଯୋଗୁଁ ମୋର ଦରମାରେ କେବଳ ଅଭିବୃଦ୍ଧି ହୋଇ ନାହିଁ ବରଂ ନମାଜ ଜୁମା ପାଠ କରିବାର ନିୟମିତ ବ୍ୟବସ୍ଥା ମଧ୍ୟ ହୋଇଗଲା ।

ଆଇଭରୀ କୋଷ୍ଟ୍‌ର ମୁବଲ୍ଲିଗ୍ ସିଲ୍‌ସିଲା ଉଲ୍ଲେଖ କରନ୍ତି ଯେ, ତେହ୍‌ରିକେ ଜଦିଦ୍‌ର ଚାନ୍ଦା ଆଦାୟ ପ୍ରସଙ୍ଗରେ ୟାଓଲେସୋ (Yaollesso) ନାମକ ଗ୍ରାମରେ ଚାନ୍ଦା ଦେବା ନିମନ୍ତେ ଆହ୍ୱାନ ଦେଲି । ଜଣେ ବୃଦ୍ଧ ବୟସ୍କ ବ୍ୟକ୍ତି ଯିଏ ଅତ୍ୟନ୍ତ ଦରିଦ୍ର ବ୍ୟକ୍ତି ଥିଲେ ଏବଂ ତାଙ୍କର ଆର୍ଥିକ ସ୍ଥିତି ଅନୁଯାୟୀ ଆମେ ଏହା ଭାବୁଥିଲୁ ଯେ, 200 କିମ୍ବା 300 ଫ୍ରାଙ୍କ୍ ବି ଯଦି ଦିଅନ୍ତି ତାହାହେଲେ ବଡ଼ କଥା ହେବ । ସେ ଉଠିଲେ ଏବଂ ଘରକୁ ଗଲେ । ସେ କେବଳ ଚାନ୍ଦା ନେଇ ଆସିଲେ ନାହିଁ ବରଂ ନିଜ ସାଙ୍ଗରେ ନିଜର ପୁତ୍ରକୁ ମଧ୍ୟ ଧରି ଆସିଲେ ଏବଂ ତା'କୁ କହିଲେ, ପୁତ୍ର ! ତୁମେ ମଧ୍ୟ ଚାନ୍ଦା ପୈଠ କର । ସୁତରାଂ ସେ 2000/- ଫ୍ରାଙ୍କ୍ ଟଙ୍କା ପୈଠ କରିଦେଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ହେଉଛି ଧନ ପ୍ରତି ଥିବା ପ୍ରେମ ଅର୍ଥାତ୍ ଧନର ପ୍ରେମ ଉପରେ ଅଲ୍ଲାଃତାଲା ଓ ତାହାଙ୍କ ଧର୍ମ ସକାଶେ ବଳିଦାନ ଦେବାର ଉତ୍ସାହ ।

ଆଫ୍ରିକା ମହାଦେଶର ଆଉ ଏକ ଦେଶ ରହିଛି ଯାହାର ନାମ ସିନିଗାଲ୍ ଅଟେ । ସେଠିକାର ମୁଅଲ୍ଲିମ୍ ସାହେବ କୁହନ୍ତି, ମୁହମ୍ମଦ୍ ଅଞ୍ଜାଏ ସାହେବ ନାମକ ଜଣେ ଦିରଦ୍ର କିନ୍ତୁ ନିଷ୍ଠାପର ଅହେମଦି ବ୍ୟକ୍ତି ଅଟନ୍ତି। ତାଙ୍କର ପତ୍ନି ଅସୁସ୍ଥ ଥିଲା । ଡାକ୍ତର ଯେଉଁ ଔଷଧ ପତ୍ର ଲେଖି ଦେଇଥିଲେ ତାହାର ମୂଲ୍ୟ ପ୍ରାୟ 15000/- ଫ୍ରାଙ୍କ୍ ସିଫା ଥିଲା । ତାହା ତାଙ୍କ ନିକଟରେ ଉପଲବ୍ଧ ନଥିଲା । ସେ ନିଜର ଏକ ବନ୍ଧୁଙ୍କ ନିକଟକୁ ଋଣ ଆଣିବା ପାଇଁ ଗଲେ । ତା' ଠାରୁ ଧାର ନେଲେ । ସେତିକିବେଳେ ନମାଜ ସମୟ ହୋଇଗଲା । ନମାଜ ପାଠ କରିବା ନିମନ୍ତେ ସେ ମିଶନ ହାଉସ୍ ଆସିଲେ। ନିଜର ପତ୍ନିର ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ମୁଅଲ୍ଲିମ୍ ସାହେବଙ୍କ ନିକଟରେ ଚର୍ଚ୍ଚା କଲେ ଏବଂ ବର୍ତ୍ତମାନ ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରି ନଥିଲେ (ଅର୍ଥାତ୍ ପୂରା କଥା କହି ନଥିଲେ କି) ମୁଅଲ୍ଲିମ୍ ସାହେବ ନିଜ କଥା ଆଗେ ଅରମ୍ଭ କରିଦେଲେ ଏବଂ ତେହ୍‌ରିକେ ଜଦିଦ୍‌ର 10 ଦିବସୀୟ ପାଳନ ଅବସରରେ ଚର୍ଚ୍ଚା ଆରମ୍ଭ କରିଦେଲେ ଏବଂ ମହୋଦୟଙ୍କୁ କହିଲେ, ଅଞ୍ଜାଦ୍ ସାହେବ ! ଆପଣ ଈଶ୍ୱରଙ୍କ ମାର୍ଗରେ ବଳିଦାନ କରନ୍ତୁ । ଅଲ୍ଲାଃତାଲା ଆପଣଙ୍କ ପାଇଁ ସହଜତା ସୃଷ୍ଟି କରିଦେବେ । ସେ ଯାହା ହେଉ ସେ ନିଜର ଅସୁବିଧାର ଚର୍ଚ୍ଚା କଲେ ଏବଂ କହିଲେ, ମୌଲବୀ ସାହେବ ମୁଁ ଦୁଇ ଚାରି ଦିନ ଭିତରେ ଚାନ୍ଦା ପୈଠ କରିଦେବି । ବର୍ତ୍ତମାନ ଟିକିଏ ଅସୁବିଧା ରହିଛି । ବର୍ତ୍ତମାନ ପତ୍ନିଙ୍କ ଔଷଧ ପତ୍ର କିଣିବା ପାଇଁ ଟଙ୍କା ଧାର ଆଣିଛି ତାହା ନେଇନିଏ ଆଗ, ସେ ଯାହା ସେ ହେଉ ମିଶନ୍ ହାଉସ୍ ଚାଲିଗଲେ । କିଛି ମିନିଟ୍ ବିତି ନଥିଲା କି ମୁହମ୍ମଦ୍ ଅଞ୍ଜାଦ୍ ସାହେବ ପୁନଶ୍ଚ ଫେରି ଆସିଲେ ଏବଂ କହିବାକୁ ଲାଗିଲେ ଯେ, ମୌଲବୀ ସାହେବ ! ମିଶନ୍ ହାଉସରୁ ବାହାରିବା ମାତ୍ରେ ମୋ ମନରେ ଏହି ଚିନ୍ତାଧାରା ଉଦ୍ରେକ ହେଲା ଯେ, ମୋତେ ମୁଅଲ୍ଲିମ୍ ସାହେବ ତେହିରକ୍ (ଆହ୍ୱାନ) କରିଛନ୍ତି ଏବଂ ମୁଁ ଉକ୍ତ ତେହରିକ୍ (ଆହ୍ୱାନ)ରେ କିଛି ବି ଟଙ୍କା ପୈଠ କରି ନାହିଁ । ପ୍ରତ୍ୟୁତ୍ତରରେ ମୋର ହୃଦୟ ଅତ୍ୟନ୍ତ ଭାରି ହୋଇଯାଇଛି । ତେଣୁ ମୁଁ ଏହି ନିଷ୍ପତ୍ତି ନେଇଛି ଯେ, ଆପଣ ଏହି 5000/- ଫ୍ରାଙ୍କ୍ ସିଫା ମୋର ତେହ୍‌ରିକେ ଜଦିଦ୍‌ର ଚାନ୍ଦାରେ ରସିଦ୍ କାଟି ଦିଅନ୍ତୁ । ମୁଁ କେବଳ ମୁଖ୍ୟ ଓ ଆବଶ୍ୟକୀୟ ଔଷଧଗୁଡ଼ିକ କିଣିନେବି । ଏହା କହି ସେ ରସିଦ୍ ନେଲେ ଏବଂ ଚାଲିଗଲେ । ସେ ବର୍ତ୍ତମାନ ମିଶନ ହାଉସ୍‌ରୁ ବାହାରି ଫାର୍ମାସି ପର୍ଯ୍ୟନ୍ତ ପହଞ୍ଚି ନଥିଲ କି ଏକ ଫୋନ୍ କଲ୍ ଆସିଲା । ଜଣେ ବ୍ୟକ୍ତି କହିଲା, ମୁଁ ଏକ ଖଟ ପ୍ରସ୍ତୁତ କରିବି । ମୁଁ ଆପଣଙ୍କୁ 50,000/- ଫ୍ରାଙ୍କ୍ ସିଫା ଟଙ୍କା ଟେଲିଫୋନ ମାଧ୍ୟମରେ କ୍ରେଡ଼ିଟ୍ ବ୍ୟାଙ୍କ୍‌କୁ ଅର୍ଡ଼ର କରି ଟ୍ରାନ୍‌ସ୍‌ଫର କରୁଛି । ଆପଣଙ୍କ ପତ୍ନି ଯେତେବେଳେ ସୁସ୍ଥ ହୋଇଯିବେ **(ଅବଶିଷ୍ଟାଂଶ..............ପୃ-11ରେ)**

## (ଖୁତ୍‌ବା ଜୁମା)

ହ. ମସିହ୍ ମଉଦ୍ ଅ.ସ ନିଜର ଲେଖନୀ ଓ ନିଜର ଆଦେଶାବଳୀ ମଧ୍ୟରେ ଅନେକ ସ୍ଥାନରେ ନିଜ ଆଗମନର ଅଭିପ୍ରାୟ ଓ ସାଂପ୍ରତିକ କାଳରେ ଜଣେ ସଂଶୋଧନକାରୀ ବ୍ୟକ୍ତିର ଆବଶ୍ୟକତା ସଂପର୍କରେ ବର୍ଣ୍ଣନା କରିଛନ୍ତି । ଆପଣ ଅ.ସ କୁହନ୍ତି: "ପ୍ରକୃତ ବାସ୍ତବତା ଏହିକି ଯେ, କୌଣସି ବ୍ୟକ୍ତିର ଅବତାରତ୍ୱର ଦାବି ଉପରେ ସର୍ବ ପ୍ରଥମ ଯୁଗର ଆବଶ୍ୟକତାକୁ ଦେଖାଯାଇଥାଏ, ପୁନଶ୍ଚ ଏହା ମଧ୍ୟ ଅବଲୋକନ କରାଯାଇଥାଏ ଯେ, ସେହି ବ୍ୟକ୍ତି ଅବତାରମାନଙ୍କ ଧାର୍ଯ୍ୟ ସମୟରେ ଆସିଅଛି ଅବା ନୁହେଁ ? ପୁନଶ୍ଚ ଏହା ମଧ୍ୟ ବିଚାର କରାଯାଉ ଯେ, ଈଶ୍ୱର ସେହି ଅବତାରଙ୍କୁ ସମର୍ଥନ କରୁଛନ୍ତି ଅବା ନୁହେଁ ? ପୁନଶ୍ଚ ଏହା ମଧ୍ୟ ଅବଲୋକନ କରାଯିବା ଉଚିତ୍ ଯେ, ଶତ୍ରୁମାନେ ଯେଉଁ ଆପତ୍ତି ଉପସ୍ଥାପିତ କରିଛନ୍ତି ସେହି ଆପତ୍ତିଗୁଡ଼ିକର ସଂପୂର୍ଣ୍ଣ ଉତ୍ତର ଦିଆଯାଇଛି ଅବା ନୁହେଁ ?

"ଯେତେବେଳେ ଉପରୋକ୍ତ ସମସ୍ତ କଥାଗୁଡ଼ିକ ସଂପୂର୍ଣ୍ଣ ହୋଇଯିବ ସେତେବେଳେ ଏହା ସ୍ୱୀକାର କରିନିଆଯିବ ଯେ, ସେହି ବ୍ୟକ୍ତି ସତ୍ୟବାଦୀ ଅଟେ, ଅନ୍ୟଥା ନୁହେଁ । ନିଃସନ୍ଦେହ ରୂପେ ଜଣେ ଆକାଶୀୟ ସଂଶୋଧନକାରୀର ଆବଶ୍ୟକତା ରହିଛି ଯିଏ ପୁନରାୟ ବିଶ୍ୱାସ ପ୍ରଦାନ କରି ବିଶ୍ୱାସର ମୂଳକୁ ଜଳପାନ କରାଉ । ସେହିପରି ପାପ ଏବଂ ଅପରାଧରୁ ମୁକୁଳାଇ ଆଣି ପୁଣ୍ୟ ଏବଂ ସତ୍‌ମାର୍ଗ ଆଡ଼କୁ ପ୍ରତ୍ୟାବର୍ତ୍ତନ କରାଇ ଦେଉ ।"

ବିରୋଧୀମାନଙ୍କର ବିରୋଧ ସତ୍ତ୍ୱେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ବିଶ୍ୱାସକୁ ଅଲ୍ଲାଃତାଲା ଦୃଢୀଭୂତ ପ୍ରଦାନ କରିଛନ୍ତି ଏବଂ ସେ ହିଁ ଉକ୍ତ ବିଶ୍ୱାସକୁ ଦୃଢୀଭୂତ କରି ଚାଲିବେ । ପୁରାତନ ଅହେମଦିମାନଙ୍କ ନିମନ୍ତେ ଏହା ଚିନ୍ତାଜନକ ପ୍ରସଙ୍ଗ ଅଟେ ଯେ, ସେମାନଙ୍କୁ ମଧ୍ୟ ତବଲିଗ୍ ଆଡ଼କୁ ଧ୍ୟାନ ଦେବା ଉଚିତ୍ । ସେମାନେ ପଛେ ପୁରାତନ ଅହେମଦି ହୁଅନ୍ତୁ ଅବା ନବଦୀକ୍ଷିତ ଅହେମଦି ହୁଅନ୍ତୁ ଅଲ୍ଲାଃତାଲାଙ୍କ ନିକଟରେ କେବଳ ଏତିକି ପ୍ରାର୍ଥନା କରିବା ଉଚିତ୍ ଯେ, ହେ ପ୍ରଭୁ ! ତୁମ୍ଭେ ଆମ୍ଭ ବିଶ୍ୱାସକୁ ସୁଦୃଢ଼ କର ଏବଂ ଆମମାନଙ୍କୁ ନିଦର୍ଶନ ଦେଖାଅ ଓ ମାର୍ଗଦର୍ଶନ ପ୍ରଦାନ କରୁଥାଅ ।

ବୁର୍କିନାଫାସୋର ଶହୀଦ୍‌ମାନେ ନିଜ ଜୀବନର ବଳିଦାନ ଦେଇ ସେଠାକାର ଅହେମଦିମାନଙ୍କର ବିଶ୍ୱାସକୁ ଦୁର୍ବଳ ହେବାକୁ ଦେଇ ନାହାନ୍ତି । ବରଂ ପ୍ରତ୍ୟେକ ଦିନ ସେମାନଙ୍କର ବିଶ୍ୱାସରେ ଦୃଢ଼ତ୍ୱତା ଆସୁଥିବାର ପରିଲକ୍ଷିତ ହେଉଅଛି । ଅଲ୍ଲାଃତାଲା କେବଳ ଲୋକମାନଙ୍କ ଉପରେ ହ. ମସିହ୍ ମଉଦ୍ ଅ.ସଙ୍କର ସତ୍ୟତା ପ୍ରମାଣିତ କରି ନାହାନ୍ତି ବରଂ ଖିଲାଫତେ ଅହେମଦିୟାର ବ୍ୟବସ୍ଥା ସହିତ ନିଜର ସାହାଯ୍ୟ ଓ ସମର୍ଥନର ଦୃଶ୍ୟ ମଧ୍ୟ ଦେଖାଇ ଥାଆନ୍ତି । ପ୍ରଭୁ ସ୍ୱପ୍ନ ମାଧ୍ୟମରେ ହିଁ ସେମାନଙ୍କୁ ଆହୁରି ଦୃଢୀଭୂତ କରିଦେଇ ଥାଆନ୍ତି । ଖ୍ରୀଷ୍ଟିୟତ୍ୱ ସଂସାରରେ ନିଜର ଧ୍ୱଜା ରୋପଣ କରିବାର କେଉଁଠି କଥା କହୁଥିଲା ଏବଂ କେଉଁଠି ବର୍ତ୍ତମାନେ ଖ୍ରୀଷ୍ଟିୟାନମାନେ ହ. ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କ ଧ୍ୱଜା ତଳେ ଆସୁଛନ୍ତି ? ଏହି ସମସ୍ତ ପ୍ରସଙ୍ଗକୁ ଦେଖିବା ପରେ ବି ଯଦି ସେହି ନାମକୁ ମାତ୍ର ଧର୍ମର ଠିକାଦାରମାନଙ୍କର ଆଖି ଫିଟୁ ନାହିଁ ତେବେ ସେମାନଙ୍କର କଥା ଈଶ୍ୱର ବୁଝିବେ ।

ପ୍ରତ୍ୟେକ ଅହେମଦିକୁ ଉକ୍ତ କଥାକୁ ମଧ୍ୟ ବୁଝିବା ଉଚିତ୍ ଯେ, କେବଳ ହ. ମସିହ୍ ମଉଦ୍ ଅ.ସଙ୍କ ଦାବିକୁ ସ୍ୱୀକାର କରିନେବା ଯଥେଷ୍ଟ ନୁହେଁ ବରଂ ଆମମାନଙ୍କୁ ନିଜ ମଧ୍ୟରେ ଏକ ପବିତ୍ର ପରିବର୍ତ୍ତନ ସୃଷ୍ଟି କରିବାକୁ ହେବ । ଯେଉଁମାନେ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରେରିତ ଶିକ୍ଷାର ପ୍ରକୃତ ଆଦର୍ଶ ହେବେ, ଯେଉଁମାନେ ଆଁହଜରତ ସ.ଅଙ୍କ ନିର୍ଦ୍ଦେଶିତ ପରମ୍ପରା ଉପରେ ପରିଚାଳିତ ହୋଇ ସାକ୍ଷାତ୍ ବ୍ୟବହାରିକ ଛବି ହୋଇଥିବା ଉଚିତ୍ । ଯେତେବେଳେ ଏପରି ହେବ ସେତେବେଳେ ଯାଇ ଆମେମାନେ ଅଲ୍ଲାଃତାଲାଙ୍କ କୃପାର ଉତ୍ତରାଧିକାରୀ ଅର୍ଥାତ୍ ପ୍ରଭୁଙ୍କ କୃପାର ପାତ୍ର ହୋଇ ପାରିବା । ଅଲ୍ଲାଃତାଲା ଏଥି ନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**

ବଡ଼ ବଡ଼ ରାଷ୍ଟ୍ରର ନେତାମାନେ ଏହା ମନେକରନ୍ତି ଯେ, ଏହି ଯୁଦ୍ଧ ସେହି ପର୍ଯ୍ୟନ୍ତ ହିଁ ସୀମିତ ରହିବ । କିନ୍ତୁ ସେହି ଲୋକମାନଙ୍କର ଯେଉଁ ବିଦ୍ୱାନ୍ ମନୀଷିମାନେ ରହିଛନ୍ତି ସେମାନେ ମଧ୍ୟ କହିବାକୁ ଲାଗିଲେଣି ଯେ, ଉକ୍ତ ଯୁଦ୍ଧ କେବଳ ସେହି ଅଞ୍ଚଳ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ବରଂ ବାହାରକୁ ମଧ୍ୟ ବ୍ୟାପିଯିବ । ସେହି ଦେଶମାନଙ୍କ ପର୍ଯ୍ୟନ୍ତ ମଧ୍ୟ ଉକ୍ତ ଯୁଦ୍ଧ ପହଞ୍ଚିଯିବାର ଯଥେଷ୍ଟ ଆଶଙ୍କା ରହିଛି । ଶୁଣିବାକୁ ମିଳୁଛି ସାଉଦି ଆରବର ସମ୍ରାଟ୍ ମଧ୍ୟ କୁଆଡ଼େ କହିଛନ୍ତି ଯେ, ମୁସଲମାନମାନଙ୍କର ମିଳିତ ଭାବରେ ଏକ ସ୍ୱର ହେବା ଉଚିତ୍ । ଏଥି ନିମନ୍ତେ ସତତଚେଷ୍ଟା କରିବାକୁ ପଡ଼ିବ ।

ଯଦି ଉକ୍ତ ମନୋଭାବ ସୃଷ୍ଟି ହୁଏ ତେବେ ଅଲ୍ଲାଃତାଲା ସେମାନଙ୍କର ଉକ୍ତ ମନୋଭାବକୁ ବ୍ୟବହାରିକ ରୂପ ଦେବା ନିମନ୍ତେ ମଧ୍ୟ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେ ଯାହା ହେଉ ଦୁଆ କରିବା ପ୍ରତି ବହୁତ ଧ୍ୟାନ ଦିଅନ୍ତୁ । ସେହିପରି ହୁଜୁର ଅନ୍‌ୱର୍ ଅ.ବଙ୍କ ପାଲେଷ୍ଟାଇନ୍‌ର ନିଷ୍ପେଷିତ, ଅତ୍ୟାଚାରିତ ବାସୀମାନଙ୍କ ନିମନ୍ତେ ଦୁଆ କରିବା ନିମନ୍ତେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବାରମ୍ବାର ବାରମ୍ବାର ଆହ୍ୱାନ ।

ସମ୍ମାନନୀୟ ଅବ୍‌ଦୁସ୍ ସଲମା ଆରିଫ୍ ସାହେବ ମୁବଲ୍ଲିଗ୍ ସିଲସିଲା, କାନାଡ଼ାର ଶ୍ରୀମାନ୍ ମୁହମ୍ମଦ୍ କାସିମ୍ ଖାନ୍ ସାହେବ, ଶ୍ରୀମାନ୍ ଅବ୍‌ଦୁଲ୍ କରୀମ୍ କୁଦ୍‌ସୀ ସାହେବ, ଶ୍ରୀମାନ ମିଆଁ ରଫିକ୍ ଅହେମଦ ଗୋନ୍ଦଲ୍ ସାହେବ ଓ ଶ୍ରୀମତି ନସିମା ଲଇକ୍ ସାହେବଙ୍କ ବିୟୋଗର ଉତ୍ତମ ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ।

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 24 NOVEMBER 2023 ମସିହା ଅନୁଯାୟୀ ୨୪ ନବୁୱତ୍ /୧୪୦୨ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ନିଜର ଲେଖନୀ ଓ ନିଜର ଆଦେଶାବଳୀ ମଧ୍ୟରେ ଅନେକ ସ୍ଥାନରେ ନିଜ ଆଗମନର ଅଭିପ୍ରାୟ ଓ ସାଂପ୍ରତିକ କାଳରେ ଜଣେ ସଂଶୋଧନକାରୀର ଆବଶ୍ୟକତା ସଂପର୍କରେ ବର୍ଣ୍ଣନା କରିଛନ୍ତି । ଆପଣ ଅ.ସ ଏହା ପ୍ରମାଣିତ କରିଛନ୍ତି ଯେ, ଆପଣଙ୍କର ଆଗମନ ଅଲ୍ଲାଃତାଲାଙ୍କ ପକ୍ଷରୁ ଯୁଗାନୁସାରୀ ଓ ଆବଶ୍ୟକ ଥିଲା। ଏହା ଅଲ୍ଲାଃତାଲା ଓ ଆଁହଜରତ ସ.ଅଙ୍କର ଭବିଷ୍ୟବାଣୀ ଅନୁଯାୟୀ ଅଟେ ।

ସୁତରାଂ ଆପଣ ଅ.ସ କୁହନ୍ତି; ପ୍ରମାଣକୁ ସିଦ୍ଧ କରିବା ନିମନ୍ତେ ମୁଁ ଏହା ପ୍ରକାଶ କରିଦେବାକୁ ଚାହଁ ଯେ,.......ଈଶ୍ୱର ଉକ୍ତ ଯୁଗକୁ ଅନ୍ଧକାର ପାଇ, ସଂସାରକୁ ଅବଚେତନ ଏବଂ ଅବିଶ୍ୱାସକାରୀ ତଥା ଅବଜ୍ଞତାରେ ଲିପ୍ତ ଏବଂ ନିମଗ୍ନ ଥିବା ଦେଖି ବିଶ୍ୱାସ, ସତ୍ୟତା ଏବଂ ଧର୍ମପରାୟଣତା ଓ ସତ୍‌ମାର୍ଗତାକୁ ସମାପ୍ତ ହେଉଥିବାର ଲକ୍ଷ୍ୟ କରି ମୋତେ ପ୍ରେରଣ କରିଅଛନ୍ତି । କାରଣ ପ୍ରଭୁ ପୁନଃ ସଂସାରରେ ଶୈକ୍ଷିକ, ବ୍ୟବାହାରିକ, ଚାରିତ୍ରିକ ଓ ବିଶ୍ୱାସିକ ସତ୍ୟତାକୁ ସ୍ଥାପନ କରିଦିଅନ୍ତୁ ଓ ଇସ୍‌ଲାମ୍ ଧର୍ମକୁ ସେହି ଲୋକମାନଙ୍କର ଆକ୍ରମଣରୁ ରକ୍ଷା କରନ୍ତୁ ଯେଉଁମାନେ ଦାର୍ଶନିକତ୍ୱ, ପ୍ରକୃତିବାଦ (ଚାରୁକଳା ବା ସାହିତ୍ୟରେ ଏକ ପ୍ରକାରର ବାସ୍ତବବାଦ ଯହିଁରେ ବାହ୍ୟ ବା ଇନ୍ଦ୍ରିୟ ଜ୍ଞାତ ଜଗତକୁ ଏକମାତ୍ର ସତ୍ୟ ଏବଂ ପ୍ରାକୃତିକ ବା ପାରିପାର୍ଶ୍ୱିକ ପ୍ରଭାବକୁ ପରିବର୍ତ୍ତନ ଓ ବ୍ୟବହାରର ଏକମାତ୍ର କାରଣ ରୂପେ ଗ୍ରହଣ କରାଯାଏ), ବୈଧ, ଶାସ୍ତ୍ର ସମ୍ମତ, ସିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା), ନାସ୍ତିକବାଦିତାର ବସ୍ତ୍ରରେ ସେହି ଐଶ୍ୱରିକ ଉଦ୍ୟାନକୁ କିଛି ମାତ୍ରାରେ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରୁଛନ୍ତି ।

ଅତଏବ ହେ ସତ୍ୟାନ୍ୱେଷୀମାନେ ! ଟିକିଏ ଚିନ୍ତାକରି ଦେଖ କି ଏହି ସମୟଟି ସେହି ସମୟ ନୁହଁ ଯହିଁରେ ଇସ୍‌ଲାମ୍ ଧର୍ମ ନିମନ୍ତେ ଆକାଶୀୟ ସାହାଯ୍ୟର ଆବଶ୍ୟକତା ରହିଥିଲା । କ'ଣ ଏଯାବତ୍ ତୁମ ସମ୍ମୁଖରେ ଏହା ପ୍ରମାଣତି ହୋଇ ନାହିଁ ଯେ, ବିଗତ ଶତାବ୍ଦୀ ଯାହାକି ତ୍ରୟୋଦଶ ଶତାବ୍ଦୀ ଥିଲା । ସେହି ଶତାବ୍ଦୀରେ ଇସ୍‌ଲାମ୍ ଧର୍ମକୁ କେଉଁ କେଉଁ ଆଘାତ ଲାଗିଛି ଏବଂ ମାର୍ଗଭ୍ରଷ୍ଟତା ବ୍ୟାପୀଯିବା ଦ୍ୱାରା କେଉଁ କେଉଁ ଅସହ୍ୟଯୋଗ୍ୟ ଆଘାତ ଏବଂ କ୍ଷତ ସହ୍ୟ କରିବାକୁ ପଡ଼ିଥିଲା। କ'ଣ ଏବେ ମଧ୍ୟ ତୁମକୁ ଜ୍ଞାତ ନାହିଁ ଯେ, ଇସ୍‌ଲାମ୍ ଧର୍ମକୁ କେଉଁ କେଉଁ ବିପତ୍ତି ଆଚ୍ଛନ୍ନ କରି ରଖିଛି, ସେହି ସମୟ ସମ୍ପର୍କରେ ତୁମକୁ ସୂଚନା ମିଳି ନାହିଁ ଯେ, ଲୋକମାନେ କିଭଳି ଇସ୍‌ଲାମ୍ ଧର୍ମରୁ ବାହାରି ଯାଇ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହୋଇଗଲେ ? ଲୋକମାନେ କିପରି ନାସ୍ତିକବାଦୀ ପାଲଟିଗଲେ । କିପରି ସିର୍କ ଏବଂ ବିଦ୍‌ଅତ୍ (ନୂତନ ଆହୃତ ରୀତି) ଏକେଶ୍ୱରବାଦ ଓ ପରମ୍ପରାଗତ ଶୈଳୀ ସ୍ଥାନ ଗ୍ରହଣ କରିନେଲା ? ଇସ୍‌ଲାମ୍ ଧର୍ମକୁ ପ୍ରତ୍ୟାଖ୍ୟାନ ତଥା ଖଣ୍ଡନ କରିବା ନିମନ୍ତେ କିପରି ପୁସ୍ତକମାନ ରଚନା କରାଗଲା ଏବଂ ସଂସାରରେ ପ୍ରକାଶିତ କରାଗଲା ?

ସୁତରାଂ ତୁମେମାନେ ବର୍ତ୍ତମାନ ବିଚାର କରି କୁହ କି କ'ଣ ବର୍ତ୍ତମାନ ଏହା ଆବଶ୍ୟକ ନଥିଲା କି ଅଲ୍ଲାଃତାଲାଙ୍କ ପକ୍ଷରୁ ଉକ୍ତ ଶତାବ୍ଦୀରେ ଏପରି ଏକ ବ୍ୟକ୍ତିକୁ ପ୍ରେରଣ କରାଯାଇ ଥାଆନ୍ତା ଯିଏ ବାହ୍ୟ ଆକ୍ରମଣକୁ ପ୍ରତିହତ ଏବଂ ମୁକାବିଲା କରିଥାଆନ୍ତା  ? ଯଦି ମୁକାବିଲା କରିବା ଆବଶ୍ୟକତ ଥିଲା ତେବେ ତୁମେମାନେ ଜାଣିଶୁଣି ପ୍ରଭୁଙ୍କ ଅବଦାନକୁ ପ୍ରତ୍ୟାଖ୍ୟାନ କର ନାହିଁ । ତୁମେମାନେ ସେହି ବ୍ୟକ୍ତି ଠାରୁ ମୁହଁ ମୋଡ଼ି ନିଅ ନାହିଁ ଯାହାର ଆଗମନ ଉକ୍ତ ଶତାବ୍ଦୀର ଅବସ୍ଥାନୁଯାୟୀ ଆବଶ୍ୟକ ଥିଲା । ସେହି ଅବତାରର ଆଗମନ ସଂକ୍ରାନ୍ତରେ ପ୍ରାରମ୍ଭରୁ ହିଁ ନବୀ କରୀମ୍ ସ.ଅ ସୂଚନା ପ୍ରଦାନ କରିଥିଲେ ।" (ଆଇନା କମାଲାତେ ଇସ୍‌ଲାମ୍, ରୁହାନୀ ଖଜାଏନ୍, ଭାଗ-5, ପୃ-251-253)

ଆପଣ ଅ.ସ ପୁନଶ୍ଚ କୁହନ୍ତି, କୌଣସି ଆଗମନକାରୀ ବ୍ୟକ୍ତିର ସତ୍ୟତାକୁ ପରଖିବାର ଯେଉଁ ସ୍ତର ରହିଛି ତାହା ଏହିପରି ଯେ, କୌଣସି ବ୍ୟକ୍ତିକୁ ସତ୍ୟ ବୋଲି ସ୍ୱୀକାର କରିବା ନିମନ୍ତେ ଏହା ଆବଶ୍ୟକ ନୁହେଁ ଯେ, ତା'ର ଖୋଲା ଖୋଲା ସୂଚନା ଏବଂ ନିଦର୍ଶନ କୌଣସି ଆକାଶୀୟ ଧର୍ମଗ୍ରନ୍ଥରେ ମଧ୍ୟ ବିଦ୍ୟମାନ ରହିଛି । ଯଦି ଉକ୍ତ ସର୍ତ୍ତ ହୋଇଥାଆନ୍ତା ତେବେ କୌଣସି ଅବତାରର ଅବତାରତ୍ୱ ଚରିତାର୍ଥ ଏବଂ ପ୍ରମାଣିତ ହୋଇପାରିବ ନାହିଁ ।

ବାସ୍ତବତା ଏହିକି ଯେ, କୌଣସି ବ୍ୟକ୍ତିର ଅବତାରତ୍ୱ ଦାବି ସଂପର୍କରେ ସର୍ବ ପ୍ରଥମେ ଯୁଗର ଆବଶ୍ୟକତାକୁ ଦେଖାଯାଇଥାଏ । ପୁନଶ୍ଚ ଏହା ମଧ୍ୟ ଅବଲୋକନ କରାଯାଇଥାଏ ଯେ, ସେ ଅବତାରମାନଙ୍କର ସ୍ଥିରୀକୃତ ବା ନିର୍ଦ୍ଧାରିତ ସମୟରେ ଆସିଅଛି ଅବା ନୁହେଁ ? ପୁନଶ୍ଚ ଏହା ମଧ୍ୟ ଚିନ୍ତା କରାଯାଇଥାଏ ଯେ, ଈଶ୍ୱର ସେହି ଦାବିକାରୀ ଅବତାରର ସାହାଯ୍ୟ କରିଛନ୍ତି ଅବା ନୁହେଁ ? ପୁନଶ୍ଚ ଏହା ମଧ୍ୟ ଅବଲୋକନ କରିବା ଉଚିତ୍ ଯେ, ଶତ୍ରୁମାନେ ଯେଉଁ ଆପତ୍ତି ଉପସ୍ଥାପିତ କରିଛନ୍ତି ସେହି ସମସ୍ତ ଆପତ୍ତିର ପୂର୍ଣ୍ଣ ରୂପେ ଉତ୍ତର ପ୍ରଦାନ କରାଯାଇଛି ଅବା ନୁହେଁ ? ଅତଏବ୍ ଯେତେବେଳେ ଉପୋରକ୍ତ ସମସ୍ତ ପ୍ରସଙ୍ଗ ପୂର୍ଣ୍ଣ ହୋଇଯାଏ ସେତେବେଳେ ଏହା ସ୍ୱୀକାର କରିନେବାକୁ ହେବ ଯେ, ସଂପୃକ୍ତ ବ୍ୟକ୍ତି ଜଣକ ସତ୍ୟବାଦୀ ବ୍ୟକ୍ତି ଅଟେ ଅବା ନୁହେଁ ?

ବର୍ତ୍ତମାନ ସ୍ପଷ୍ଟ ରୂପେ ଏହା ପ୍ରକାଶ୍ୟ ଯେ, ଯୁଗ ନିଜର ତୁଣ୍ଡାବସ୍ଥାରୁ ଏହି ଫେରାଦ, ପ୍ରାର୍ଥନା ଓ ଅନୁରୋଧ କରୁଛି ଯେ, ସଂପ୍ରତିକ କାଳରେ ଇସ୍‌ଲାମୀୟ ସଂପ୍ରଦାୟ ମଧ୍ୟରେ ଥିବା ବିଭେଦତା ତଥା ପାର୍ଥକ୍ୟତାକୁ ଦୂରୀଭୂତ କରିବା ନିମନ୍ତେ, ବାହ୍ୟ ଆକ୍ରମଣରୁ ଇସ୍‌ଲାମ୍ ଧର୍ମକୁ ରକ୍ଷା କରିବା ନିମନ୍ତେ ଓ ସଂସାରରେ ହଜି ଯାଇଥିବା ସେହି ଆଧ୍ୟାତ୍ମିକତାକୁ ପୁନଃ ପ୍ରତିଷ୍ଠା କରିବା ନିମନ୍ତେ ନିଃସନ୍ଦେହ ରୂପେ ଜଣେ ଆକାଶୀୟ ସଂସ୍କାରକ ଓ ସଂଶୋଧନକାରୀ ବ୍ୟକ୍ତିର ଆବଶ୍ୟକତା ରହିଛି । ସେହି ସଂଶୋଧନକାରୀ ବା ସୁଧାରକ ବ୍ୟକ୍ତି ହଜି ଯାଇଥିବା ସେହି ଆଧ୍ୟାତ୍ମିକତାକୁ ପୁନଃ ବିଶ୍ୱାସରେ ପରିଣତ କରି ବିଶ୍ୱାସର ମୂଳକୁ ଜଳପାନ କରାଉ । ଏହିପରି ଭାବରେ ସେହି ସୁଧାରକ ଏବଂ ସଂଶୋଧନକାରୀ ଜଗତକୁ ପାପ ଏବଂ ଅପରାଧରୁ ମୁକୁଳାଇ ଆଣି ପୁଣ୍ୟ ଏବଂ ସତ୍ୟତା ଆଡ଼କୁ ଫେରାଇ ଆଣୁ ।

"ସୁତରାଂ ଠିକ୍ ଆବଶ୍ୟକ ସମୟରେ ମୋର ଆଗମନ ଏପରି ପ୍ରତିତ ହେଉଛି ଯେ, ମୁଁ ଏହା ମନେକରି ପାରୁ ନାହିଁ ଯେ, ବିଦ୍ୱେଷକାରୀ ତଥା ଈର୍ଷାନ୍ୱିତ ବ୍ୟକ୍ତି ବ୍ୟତୀରେକ ଅନ୍ୟ କୌଣସି ବ୍ୟକ୍ତି ଏହାକୁ ପ୍ରତ୍ୟାଖ୍ୟାନ କରିପାରିବ ନାହିଁ । ଦ୍ୱିତୀୟ ସର୍ତ୍ତ ଏହା ଅବଲୋକନ କରିବା ଉଚିତ୍ ଯେ, ସେହି ଅବତାରଟି ଅବତାରମାନଙ୍କ ଦ୍ୱାରା ଧାର୍ଯ୍ୟ ସମୟରେ ଆସିଅଛି ଅବା ନୁହେଁ ? ଆପଣ ଅ.ସ କୁହନ୍ତି, ମୋ ଆଗମନର ଉକ୍ତ ସର୍ତ୍ତଟି ମଧ୍ୟ ପୂର୍ଣ୍ଣ ହୋଇଯାଇଛି । କାରଣ ଅବତାରମାନେ ଏହି ଭବିଷ୍ୟବାଣୀ କରିଥିଲେ ଯେ, ଯେତେବେଳେ ଷଷ୍ଠ ହଜାର ବର୍ଷ ଶେଷ ହେବାକୁ ବସିବ ସେତେବେଳେ ସେହି ପ୍ରତିଶ୍ରୁତ ମସିହ୍ ଆବିର୍ଭୂତ ହେବ ।

ସୁତରାଂ କମ୍‌ରୀ (ଚନ୍ଦ୍ର ମାସ) ହିସାବ ଅନୁଯାୟୀ ଷଷ୍ଠ ହଜାର ବର୍ଷ ଯାହାକି ହ. ଆଦମ୍ ଅ.ସଙ୍କ ପ୍ରାଦୁର୍ଭାବ ସମୟକୁ ଧରି ନିଆଯାଏ ତେବେ ସେହି ସମୟଟି ମଧ୍ୟ ସମାପ୍ତ ହୋଇଯାଇଛି ବର୍ତ୍ତମାନ ଶମ୍‌ଶୀ (ସୂର୍ଯ୍ୟ ମାସ) ଅନୁଯାୟୀ ଷଷ୍ଠ ହଜାର ବର୍ଷ ସମାପ୍ତ ହେବାକୁ ବସିଛି । ଦେଖିବାକୁ ଗଲେ ତାହା ମଧ୍ୟ ସମାପ୍ତ ହୋଇ ସାରିଲାଣି। ଏତଦ୍‌ଭିନ୍ନ ଆମର ପ୍ରିୟ ମୁନିବ ସ.ଅ ଏହା କହିଥିଲେ ଯେ, ପ୍ରତ୍ୟେକ ଶତାବ୍ଦୀର ଶୀର୍ଷରେ ଜଣେ ସଂସ୍କାରକ ଆସିବ ଯିଏ ଧର୍ମକୁ ସତେଜ କରିବ । ବର୍ତ୍ତମାନ ସେହି ଚତୁର୍ଦ୍ଦଶ ଶତାବ୍ଦୀ ମଧ୍ୟରୁ 21 ବର୍ଷ ଅତିକ୍ରାନ୍ତ ହୋଇସାରିଛି । "ଆପଣ ଅ.ସ କହିଲେ, ଏହା ହେଉଛି ସେତେବେଳେର କଥା । ଦ୍ୱାବିଂଶ (22)ତମ ଅତିକ୍ରମ ହେଉଅଛି । ବର୍ତ୍ତମାନ ଏହା କ'ଣ ସେହି କଥାର ନିଦର୍ଶନ ନୁହେଁ କି ସେହି ସୁଧାରକ ବା ସଂସ୍କାରକ ଜଣକ ଆସି ଯାଇଅଛି ।

**(ଲେକ୍‌ଚର୍ ଲାହୋର, ରୁହାନୀ ଖଜାଏନ୍, ଭାଗ-20, ପୃ-194-195)**

ଅଣ ଧର୍ମବାଲମ୍ବୀ ସ୍ୱୀକାର କରନ୍ତୁ ଅବା ନକରନ୍ତୁ । ଆମମାନଙ୍କର ବିରୋଧୀମାନେ ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତାକୁ ସ୍ୱୀକାର କରନ୍ତୁ ଅବା ନକରନ୍ତୁ । କିନ୍ତୁ ଏହି ନିଦର୍ଶନ ତ' ଡାକି ଡାକି ବର୍ତ୍ତମାନ ସ୍ୱୟଂ କହୁଅଛି ଏବଂ ପ୍ରତ୍ୟେକ ସ୍ଥାନରେ ଏହା କୁହାଯାଉଛି ଯେ, ଇସ୍‌ଲାମ୍ ଧର୍ମରେ କୌଣସି ମେହ୍‌ଦୀ ଏବଂ ସୁଧାରକର ଓ ସଂସ୍କାରକର ଆବଶ୍ୟକତା ରହିଛି । ସେହି ସୁଧାରକ ବା ସଂସ୍କାରକ ଜଣକ ଇସ୍‌ଲାମ୍ ଧର୍ମର ସେହି ଧର୍ମତରୀକୁ ସମ୍ଭାଳିବ । କିନ୍ତୁ ଯିଏ ଆଗମନକାରୀ ଅଟେ ସେ ସେହି ଭବିଷ୍ୟବାଣୀ ଅନୁଯାୟୀ ଆସିଅଛି ଏବଂ ଯିଏ ଯଥା ସମୟରେ ଆସିଲା ତା'କୁ ସ୍ୱୀକାର କରିବାକୁ ଲୋକେ ପ୍ରସ୍ତୁତ ନାହାନ୍ତି  ।

ହୁଜୁର୍ ଅନୱର୍ ଅ.ବ କହିଲେ, ସେହିପରି ହ. ମସିହ୍ ମଉଦ୍ ଅ.ସ କେବଳ ଦାବି କରି ନାହାନ୍ତି ବରଂ ଆପଣ ଅ.ସ ନିଜର ସତ୍ୟତାର ସମର୍ଥନରେ ଅସଂଖ୍ୟ ନିଦର୍ଶନ ମଧ୍ୟ ଉପସ୍ଥାପିତ କରିଛନ୍ତି । ସେହି ସମସ୍ତ ନିଦର୍ଶନର ଚର୍ଚ୍ଚା କରିବା ଏଠାରେ ସମ୍ଭବପର ନୁହେଁ । ସୁତରାଂ ଏକ ସ୍ଥାନରେ ଆପଣ ଅ.ସ କୁହନ୍ତି, ଜଣେ ଭବ୍ୟ ନିଦର୍ଶନ ଏହିକି ଯେ, ଆଜକୁ 30 ବର୍ଷ ପୂର୍ବେ ବରାହିନେ ଅହେମଦିୟାରେ ଉକ୍ତ ଐଶୀବାଣୀ ବିଦ୍ୟମାନ ରହିଛି ଯେ, ଲୋକମାନେ ଚେଷ୍ଟା କରିବେ ଯେ, ସେମାନେ ଉକ୍ତ ଧର୍ମକୁ ସମାପ୍ତ କରିଦେବେ ଏବଂ ପ୍ରତ୍ୟେକ ଅବସରକୁ ସେମାନେ ବିନିଯୋଗ କରିବେ । କିନ୍ତୁ ମୁଁ ଉକ୍ତ ସଂପ୍ରଦାୟର ଅଭିବୃଦ୍ଧି ଘଟାଇବି ଏବଂ ଏହାକୁ ପୂର୍ଣ୍ଣ କରିବି ଓ ଉକ୍ତ ସଂପ୍ରଦାୟଟି ଏକ ସୈନ୍ୟବାହିନୀରେ ପରିଣତ ହୋଇଯିବ । ପ୍ରଳୟ ଦିବସ ପର୍ଯ୍ୟନ୍ତ ଉକ୍ତ ସଂପ୍ରଦାୟର ଲୋକମାନଙ୍କର ଆଧିପତିତ୍ୱ ରହିବ । ମୁଁ ତୁମର ନାମକୁ ସଂସାରର କୋଣ ଅନୁକୋଣ ପର୍ଯ୍ୟନ୍ତ ଖ୍ୟାତି ପ୍ରଦାନ କରିବି। ଲୋକମାନେ ଜୋକ ପରି ଏବଂ ଦଳ ଦଳ ହୋଇ ଉକ୍ତ ସଂପ୍ରଦାୟକୁ ଆସିବେ ଓ ପ୍ରତ୍ୟେକ ପାର୍ଶ୍ୱରୁ ଆର୍ଥିକ ସାହାଯ୍ୟ ପ୍ରାପ୍ତ ହେବ । ଘରମାନଙ୍କୁ ବିସ୍ତାରିତ ଓ ବ୍ୟାପକ କରିଦିଅ । କାରଣ ଉକ୍ତ ପ୍ରସ୍ତୁତିଟି ଆକାଶ ଲୋକରେ ହେଉଅଛି । ବର୍ତ୍ତମାନ ଦେଖ ଯେ, ଉକ୍ତ ଭବିଷ୍ୟବାଣୀଟି ସେହି କାଳର ଅଟେ ଯାହା ଆଜି ପୂର୍ଣ୍ଣ ହେଉଅଛି । ଏହା ହେଉଛି ଈଶ୍ୱରଙ୍କର ନିଦର୍ଶନ ଯାହାକୁ ଚକ୍ଷୁଷ୍ମାନ୍ ବ୍ୟକ୍ତିମାନେ ଅବଲୋକନ କରୁଛନ୍ତି । କିନ୍ତୁ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଯେଉଁମାନେ ଅନ୍ଧ ତଥା ଦୃଷ୍ଟିହୀନ ଅଟନ୍ତି ସେମାନଙ୍କ ନିକଟରେ ଏଯାବତ୍ କୌଣସି ନିଦର୍ଶନ ପ୍ରକଟିତ ହୋଇ ନାହିଁ ।"

**(ନୁଜୁଲୁଲ୍ ମସିହ୍, ରୁହାନୀ ଖଜାଏନ୍, ଭାଗ-18, ପୃ-384-385)**

ଆଜି ମଧ୍ୟ ଜମଅତ୍ ଅହେମଦିୟାର ଉନ୍ନତି ହେଉଛି, ପ୍ରତ୍ୟେକ ବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକମାନେ ଜମାଅତ୍ ଅହେମଦିୟାରେ ପ୍ରବିଷ୍ଟ ହେଉଛନ୍ତି, ବଳିଦାନରେ ଅଗ୍ରଗତି କରୁଛନ୍ତି ଇତ୍ୟାଦି ଆପଣ ଅ.ସଙ୍କ ସତ୍ୟତାର ଜ୍ୱଳନ୍ତ ଓ ବଳିଷ୍ଠ ପ୍ରମାଣ ଅଟେ । ଆଜି ସଂସାରର ଏପରି କୌଣସି ସ୍ଥାନ ନାହିଁ ଯେଉଁଠି ଆପଣ ଅ.ସଙ୍କ ବାର୍ତ୍ତା ପହଞ୍ଚି ନଥିବ । ଯେଉଁଠି ଆପଣ ଅ.ସଙ୍କ ବାର୍ତ୍ତା ଯୋଗୁଁ ପୁଣ୍ୟାତ୍ମାମାନଙ୍କର ଧ୍ୟାନ ଇସ୍‌ଲାମ୍ ଧର୍ମ ଆଡ଼କୁ କେବଳ ସୃଷ୍ଟି ହେଉ ନାହିଁ ଓ ଲୋକମାନେ ଇସଲାମ୍ କେବଳ ସ୍ୱୀକାର କରୁ ନାହାନ୍ତି । ବରଂ କେତେକ ସ୍ଥାନରେ ଏପରି ନଜୀର୍ ମଧ୍ୟ ରହିଛି ଯେ, ଅଲ୍ଲାଃତାଲା ସ୍ୱୟଂ ଲୋକମାନଙ୍କର ମାର୍ଗଦର୍ଶନ କରିଛନ୍ତି ଓ ସେହି ଲୋକମାନେ ଜମାଅତ୍‌ରେ ସାମିଲ୍ ହୋଇଛନ୍ତି । ବିରୋଧୀମାନଙ୍କ ବିରୋଧ ପ୍ରଦର୍ଶନ ସତ୍ତ୍ୱେ ଜମାଅତ୍‌ର ସଦସ୍ୟସବୃନ୍ଦଙ୍କ ବିଶ୍ୱାସକୁ ଅଲ୍ଲାଃତାଲା ଦୃଢୀଭୂତ କରିଛନ୍ତି ଏବଂ ଦୃଢୀଭୂତ କରି ଚାଲିଛନ୍ତି । ସୁତରାଂ ଆଜି ମଧ୍ୟ ଆମେମାନେ ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସମର୍ଥନର ଯେଉଁ ଦୃଶ୍ୟାବଲୋକନ କରୁଛେ ଏହା ଅହେମଦିମାନଙ୍କ ନିମନ୍ତେ ବିଶ୍ୱାସକୁ ଦୃଢୀଭୂତ କରିବାର ଉତ୍କୃଷ୍ଟ ମାଧ୍ୟମ ରୂପେ ବିବେଚିତ ହେଉଛି। ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ କେତେକ ଲୋକମାନଙ୍କର ନିଜସ୍ୱ ଘଟଣାବଳୀ ଏଠାରେ ଉପସ୍ଥାପିତ କରିବାକୁ ଚାହୁଁଛି ।

ବୋବୋଏବ୍ ଇସ୍‌ଲୋମ୍‌ବେକ୍ (Boboev Islombek) ସାହେବ ନାମ ଜନୈକ ରଷୀୟ ବ୍ୟକ୍ତି ଅଟନ୍ତି । ସେ କିର୍ଗିସ୍ତାନରେ ବାସ କରନ୍ତି । ସେ କୁହନ୍ତି, ମୁଁ କିର୍ଗିସ୍ତାନର କାଶ୍‌ଗିର ଖ୍ୱଶଲାକ୍‌ରେ ବାସ କରେ । ମୋ ପତ୍ର ଲେଖିବାର ଅଭିପ୍ରାୟ ଏହିକି ଯେ, ମୁଁ ହ. ଇମାମ୍ ମେହଦୀ ଅ.ସଙ୍କ ବୈଅତ୍ କରି ପ୍ରକୃତ ଇସଲାମ୍ ଧର୍ମ ଅର୍ଥାତ୍ ଜମାଅତ୍ ଅହେମଦିୟାରେ ସାମିଲ୍ ହାଇଛି । ଅହେମଦିୟତ୍‌ରେ ସାମିଲ ହେବାର କାରଣ ଏହିକି ଯେ, ହ. ଇମାମ୍ ମେହଦୀ ଅ.ସଙ୍କ ବିଶେଷତାକୁ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ବର୍ଣ୍ଣନା କରାଯାଇଛି । ମୋର ଏହି ଦୃଢ ଆତ୍ମବିଶ୍ୱାସ ଆସିଯାଇଛି ଯେ, କେବଳ ଇମାମ୍ ମେହଦୀ ଅ.ସ ହିଁ ଏହି ପ୍ରକାରର ବିଶିଷ୍ଟ ଗୁଣାବଳୀକୁ ଉତ୍ତମ ଢଙ୍ଗରେ ବର୍ଣ୍ଣନା କରିପାରିବେ । ମହୋଦୟ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, ମୋ ନିମନ୍ତେ ଦୁଆ କରନ୍ତୁ ଅଲ୍ଲାଃତାଲା ମୋତେ ଧର୍ମପରାୟଣ ବ୍ୟକ୍ତି କରି ଦିଅନ୍ତୁ ଓ ବୈଅତ୍‌ର ଦଶଟି ସର୍ତ୍ତ ଉପରେ କାର୍ଯ୍ୟାନୁସରଣକାରୀ ବ୍ୟକ୍ତିରେ ପରିଣତ କରନ୍ତୁ । ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଉକ୍ତ କଥନଟି ଜଣେ ଦୂରବର୍ତ୍ତୀ ସ୍ଥାନରେ ବସିଥିବା ବ୍ୟକ୍ତିର ଅଟେ । ବର୍ତ୍ତମାନ ଏହି ଅବସ୍ଥାଟି କେବଳ ଗୋଟିଏ ସ୍ଥାନରେ ନୁହେଁ ବରଂ ପ୍ରତ୍ୟେକ ଦେଶରେ ଏହି ଅବସ୍ଥା ପରିଲକ୍ଷିତ ହେଉଛି ।

କଙ୍ଗୋ ଦେଶର ମିନିଏମା (Maniema) ନାମକ ଏକ ରାଜ୍ୟ ରହିଛି ଏବଂ ସେଠାରେ ରୋଦିକା (Rodika) ନାମକ ଏକ ସ୍ଥାନ ରିହଛି । ସେଠିକାର ଫିରୋଜ୍ ମାଜିକ ସାହେବ ନାମକ ଜଣେ ଖ୍ରୀଷ୍ଟ ଧର୍ମାବଲମ୍ବୀ ବନ୍ଧୁ ଅଟନ୍ତି । ତାଙ୍କ ପର୍ଯ୍ୟନ୍ତ ଜମାଅତ୍ ଅହେମଦିୟାର ପମ୍ଫ୍ଲେଟ୍ ପହଞ୍ଚିଲା । ଉକ୍ତ ପମ୍ଫ୍ଲେଟରେ ହ. ମସିହ୍ ମଉଦ୍ ଅ.ସଙ୍କ ଆମଗନ, ଜମାଅତ୍ ଅହେମଦିୟରେ ଖିଲାଫତ୍ ବ୍ୟବସ୍ଥାର ମହତ୍ତ୍ୱ ପ୍ରସଙ୍ଗ ବର୍ଣ୍ଣିତ ହୋଇଥିଲା । ସେହି ପମ୍ଫ୍ଲେଟ୍‌ଟିକୁ ପଢି ତାଙ୍କର ଘଟ ପରିବର୍ତ୍ତନ ହୋଇଥିଲା। ସେ କହିବାକୁ ଲାଗିଲେ, ମୁଁ ଏହି ଇସ୍‌ଲାମ୍ ଧର୍ମର ସନ୍ଧାନରେ ଥିଲି । ଅତଏବ୍ ସେ ବୈଅତ୍ କରି ଅହେମଦିୟତ୍‌ରେ ପ୍ରବିଷ୍ଟ ହୋଇଗଲେ । ସେହିପରି ହୁସୈନ୍ ସାହେବ ନାମକ ଆଉଣ ଜଣେ ବନ୍ଧୁ ଅଟନ୍ତି । ସେ ଜମାଅତ୍‌ର ପମ୍ଫ୍ଲେଟ୍ ପଢି କେବଳ ବୈଅତ୍ କରିଲେ ନାହିଁ ବରଂ ସେ ଆଗକୁ ତବ୍‌ଲିଗ୍ କରିବା ମଧ୍ୟ ଆରମ୍ଭ କରିଦେଲେ । ତାଙ୍କ ତବ୍‌ଲିଗ୍ ବଳରେ ଏଯାବତ୍ ପ୍ରାପ୍ତ ରିପୋର୍ଟ ଅନୁସାରେ 5 ଜଣ ଲୋକଙ୍କୁ ସେ ଅହେମଦିୟତ୍‌ରେ ପ୍ରବିଷ୍ଟ କରାଇ ସାରିଛନ୍ତି । ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ତେବେ ଏହିପରି ଲୋକମାନେ କେବଳ ଅହେମଦିୟତ୍‌ରେ ସାମିଲ୍ ହେଉ ନାହାନ୍ତି ବରଂ ଅହେମଦିୟତ୍‌ରେ ପ୍ରବିଷ୍ଟ ହୋଇ ତବ୍‌ଲିଗ୍ ମଧ୍ୟ କରୁଛନ୍ତି । ସୁତରାଂ ଉକ୍ତ ପ୍ରସଙ୍ଗଟି ପୁରାତନ ଅହେମଦିମାନଙ୍କ ନିମନ୍ତେ ଚିନ୍ତାଜନକ ପ୍ରସଙ୍ଗ ଅଟେ । କାରଣ ସେମାନଙ୍କୁ ମଧ୍ୟ ତବଲିଗ୍ କରିବା ପ୍ରତି ଧ୍ୟାନ ଦେବା ଉଚିତ୍ ।

ପୁନଶ୍ଚ ତାନ୍‌ଜାନିୟାର ଶିୟାନଗା ନାମକ ଏକ ଅଞ୍ଚଳ ରହିଛି । ସେଠାରେ ମୁଓ୍ୱାନ୍‌ଲାଙ୍ଗା (Mwangalanga) ନାମକ ଏକ ଜମାତ୍ ରହିଛି । ଏଠାରେ ଜମାଅତ୍‌ରେ ଯେତେବେଳେ ଅହେମଦିୟତ୍‌ର ମୂଳଦୁଆ ପଡ଼ିଲା ସେତେବେଳେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅହେମଦି ସଦସ୍ୟବୃନ୍ଦ ବୃକ୍ଷର ଛାୟୀ ତଳେ ନମାଜ ପାଠ କରୁଥିଲେ । ସେହି ସମୟରେ ସେଠାକାର ମୁହମ୍ମ ଫୁଓ୍ୱଙ୍ଗାଗୁଙ୍ଗା (Fungagunga) ସାହେବ ନାମକ ଜଣେ ବ୍ୟକ୍ତି ଜମାଅତ୍ ଅହେମଦିୟାର ଘୋର ବିରୋଧ ଆରମ୍ଭ କରିଦେଲା ଏବଂ କିଛି ଲୋକଙ୍କ ସହିତ ମିଶି ଏହି ଖବର ପ୍ରଚାର କରିଦେଲା ଯେ, ଅହେମଦିମାନେ ତ' ମୁସଲମାନ ନୁହନ୍ତି ଏବଂ ଆମେମାନେ ଖୁବ୍ ଶୀଘ୍ର ଏଠାରେ ମସ୍‌ଜିଦ୍ ନିର୍ମାଣ କରିବୁ । ସେହି ବ୍ୟକ୍ତି ଜଣକ ଜଣେ ପ୍ରତିପତ୍ତିଶାଳୀ ମହିଳାର ଜାମିନ୍ ମଧ୍ୟ ନେଇନେଲା ଯେ, ସେହି ମହିଳା ମସଜିଦ୍ ନିମନ୍ତେ ଅର୍ଥ ପ୍ରଦାନ କରିବେ । ଅନ୍ୟ ପଟରେ ଯେତେବେଳେ ରମ୍‌ଜାନ ସାହେବ ନାମକ ଜଣେ ନୈଷ୍ଠିକ ଅହେମଦି ନିଜର ଜମି ମସ୍‌ଜିଦ୍ ନିର୍ମାଣ କରିବା ନିମନ୍ତେ ଉତ୍ସର୍ଗ କରିଦେଲେ । ତେବେ ସେହି ବ୍ୟକ୍ତି ଜଣକ ଅନେକ ଚେଷ୍ଟା କଲା ଯେ, କୌଣସି ମତେ ଉକ୍ତ ଜମିଖଣ୍ଡ ଅଣଅହେମଦି ମୁସଲମାନମାନଙ୍କୁ ମିଳିଯାଉ । କିନ୍ତୁ ସେହି ଅହେମଦି ଜଣକ ଅବିଚଳତା ପ୍ରଦର୍ଶନ କଲେ । ଏପର୍ଯ୍ୟନ୍ତ କି ଜମାଅତ୍‌ର ମସଜିଦ୍ ନିର୍ମାଣ ହେବା ଆରମ୍ଭ ହେଲା ଏବଂ ଚୂଡ଼ାନ୍ତ ପର୍ଯ୍ୟାୟ ପର୍ଯ୍ୟନ୍ତ ପହଞ୍ଚିଗଲା ।

ଉକ୍ତ ଅବଧି ମଧ୍ୟରେ ଜମାଅତ୍ ଅହେମଦିୟାର ତବ୍‌ଲିଗ୍ (ପ୍ରଚାର) ସେହି ବିରୋଧୀ ବ୍ୟକ୍ତିର ଘର ପର୍ଯ୍ୟନ୍ତ ପହଞ୍ଚିଗଲା । ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ବର୍ତ୍ତମାନ ଉକ୍ତ ବ୍ୟକ୍ତି ଜଣକ ବିରୋଧ କରୁଅଛି ଏବଂ ତା' ଘରେ ମ ଧ ଅହେମଦିୟତ୍ ବର୍ତ୍ତମାନ ପହଞ୍ଚି ଯାଇଛି ଓ ଅଲ୍ଲାଃତାଲା ତା'ର ପତ୍ନି ଏବଂ ତା'ର ସନ୍ତାନମାନଙ୍କୁ ଅହେମଦିୟତ୍ ସ୍ୱୀକାର କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କଲେ । ହେଲେ ବର୍ତ୍ତମାନ ସେହି ବରୋଧୀ ନିଜର ବିରୋଧରେ ଏକୁଟିଆ ହୋଇଗଲା । ଯଦି ସେହି ବ୍ୟକ୍ତି ମଧ୍ୟରେ ସାମାନ୍ୟ ବୁଦ୍ଧି ହୋଇଥାଆନ୍ତା ତେବେ ତା' ପାଇଁ ଉକ୍ତ ନିଦର୍ଶନଟି ଯଥେଷ୍ଟ ହୋଇଥାଆନ୍ତା । ଅର୍ଥାତ୍ ଏପରି ଅନେକ ଲୋକମାନେ ଅଛନ୍ତି ଯେଉଁମାନେ ନିଦର୍ଶନକୁ ଦେଖି ତାହାକୁ ସ୍ୱୀକାରେ କରିନେଇ ଥାଆନ୍ତି । ସୁତରାଂ ସେହି ବ୍ୟକ୍ତିର ବିରୋଧ ସତ୍ତ୍ୱେ ଅଲ୍ଲାଃତାଲା ତା'ର ପତ୍ନି ଓ ତା'ର ସନ୍ତାନମାନଙ୍କ ହୃଦୟରେ ଇସଲାମ୍ ଧର୍ମର ପ୍ରକୃତ ଉତ୍ସାହ ସୃଷ୍ଟି କଲେ ଏବଂ ସେହି ବ୍ୟକ୍ତିର କୌଣସି ବଳ କାମ ଦେଲା ନାହିଁ । ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଏହି ବିଶ୍ୱାସ, ଏହି ପରିବର୍ତ୍ତନ କୌଣସି ବ୍ୟକ୍ତି କଦାପି ସୃଷ୍ଟି କରିପାରିବ ନାହିଁ । ଏହା କେବଳ ଅଲ୍ଲାଃତାଲାଙ୍କ ବିଶେଷ କୃପା ଦ୍ୱାରା ହିଁ ସୃଷ୍ଟି ହୋଇଥାଏ ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ସେହିପରି ବିଶ୍ୱାସର ସୁଦୃଢତା ଏବଂ ଅଲ୍ଲାଃତାଲାଙ୍କ ସାହାଯ୍ୟ ଏବଂ ସମର୍ଥନର ଆଉ ଏକ ଉଦାହରଣ ରହିଛି । ଆର୍ଜେଣ୍ଟିନା ନାମକ ଆମେରିକା ଅଞ୍ଚଳର ଅନତି ଦୂରବର୍ତ୍ତୀ ଅବସ୍ଥିତ ଏକ ଅଞ୍ଚଳ ଅଟେ । ସେଠାକାର ମାରିଲା (Mariela) ସାହେବା ନମାକ ଜନୈକା ମହିଳା ଅଟନ୍ତି । ସେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିଥିଲେ । କିନ୍ତୁ ସେ ମୁସଲମାନମାନଙ୍କର ବ୍ୟବହାରିକ ଚରିତ୍ର ଯୋଗୁଁ ଇସ୍‌ଲାମ୍ ଧର୍ମ ଠାରୁ ଦୂରେଇ ଯାଇଥିଲେ । ସେ ଅହେମଦି ହୋଇ ନଥିଲେ। ସେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନେଇଥିଲେ । ଯେତେବେଳେ ମହୋଦୟାଙ୍କର ଜମାଅତ୍ ଅହେମଦିୟା ସହିତ ପରିଚୟ ହେଲା ସେତେବେଳେ ମିଶନ ହାଉସ୍ ଆସି ଆମର ଆରବୀ ଓ ଇସଲାମ୍ କ୍ଲାସ୍‌ରେ ଯୋଗ ଦେଉଥିଲେ । କିଛି ମାସପରେ ସେ ବୈଅତ୍ କରି ଜମାଅତ୍ ଅହେମଦିୟାରେ ସାମିଲ୍ ହୋଇଗଲେ । ସେ କହିବାକୁ ଲାଗିଲେ ଯେ, ମୁଁ ବୈଅତ୍ କରି ଅତ୍ୟନ୍ତ ସନ୍ତୁଷ୍ଟ ଅନୁଭବ କରୁଛି । କାରଣ ମୁଁ ଜମାଅତ୍‌ର ଶିକ୍ଷା ଏବଂ ଜମାଅତ୍‌ର, ବ୍ୟବହାର ଏବଂ ଆଚରଣରେ ସାମ୍ୟତା ପାଇଛି ଏବଂ ଉକ୍ତ ଜମାଅତ୍‌ରେ ପ୍ରକୃତ ଭ୍ରାତୃତ୍ୱତାର ପରିବେଶ ଅନୁଭବ କରିଛି ।

ଉକ୍ତ ଜମାଅତ୍‌ରେ ପ୍ରତ୍ୟେକ ବ୍ୟକ୍ତିକୁ ଅର୍ଥାତ୍ ସେ ପଛେ ନବାଗତ ହେଉ ଅବା ପୁରାତନ ହେଉ ସେବା କରିବା ନିମନ୍ତେ ସୁଯୋଗ ପ୍ରଦାନ କରାଯାଇଥାଏ। କୌଣସି ପ୍ରକାରର Discrimination ଅର୍ଥାତ୍ ପକ୍ଷ ପାତିତା ନାହିଁ । ଶ୍ରୀମତିଙ୍କ ସୁପୁତ୍ର ଯେକି ଅଣମୁସଲମାନ ଧର୍ମାବଲମ୍ବୀ ଅଟନ୍ତି ସେ ସୁନ୍ନୀ ଇସ୍‌ଲାମିକ୍ ସେଣ୍ଟରରେ ଅଧ୍ୟୟନରତ ଥିଲେ । ଉକ୍ତ କେନ୍ଦ୍ରଟି ତାଙ୍କର ଉଚ୍ଚ ବିଦ୍ୟାଳୟ ଥିଲା। ଆରବୀୟମାନେ ସେଠାରେ ନିଜର ଅର୍ଥ ବ୍ୟୟ କରିଛନ୍ତି । ଯେତେବେଳେ ବିଦ୍ୟାଳୟର ଆଡ଼ମିନିଷ୍ଟ୍ରେଟର୍‌ଙ୍କୁ ତାଙ୍କ ମାତାଶ୍ରୀଙ୍କ ଜମାଅତ୍‌ରେ ସାମିଲ ହେବା ସଂପର୍କରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ଆଡ୍‌ମିନିଷ୍ଟ୍ରେଟର୍ ଉକ୍ତ ଛାତ୍ରୀଙ୍କ ଉପରେ ଚାପ ପ୍ରୟୋଗ କରିବାକୁ ଆରମ୍ଭ କରିଦେଲା ଏବଂ ଜମାଅତ୍ ବିରୁଦ୍ଧରେ ପ୍ରପୋଗେଣ୍ଡା (କୁମନ୍ତ୍ରଣା) କରି ଚାଲିଲା । ଯେତେବେଳେ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ଜ୍ଞାତ ହେଲା ଯେ, ମହୋଦୟାଙ୍କ ସୁପୁତ୍ରୀ ନିଜର ବିଦ୍ୟାଳୟର ପ୍ରକଳ୍ପ ଅନୁଯାୟୀ ନିଜର ବ୍ୟକ୍ତିଗତ ଇଚ୍ଛାନୁଯାୟୀ ଜମାଅତ୍‌ର ମିଶନ ହାଉସ ନିମନ୍ତେ ବିଶେଷ ଡେକୋରେସନ (ସାଜସଜ୍ଜା)ର Pieces (ଖଣ୍ଡ ବା ଟୁକୁରା) ମଧ୍ୟ ପ୍ରସ୍ତୁତ କରିଛି ।

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

**ତାଲିବେ ଦୁଆ:** Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

**"ଇକ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family, Jamat Ahmadiya Kerang, Darul Fazal (Odisha)

ଉକ୍ତ କଥା ଶୁଣିବା ପରେ ବ୍ୟବସ୍ଥାପିକା ଅତ୍ୟନ୍ତ ଅସନ୍ତୋଷ ବ୍ୟକ୍ତ କଲା ଏବଂ ସେହି ବାଳିକା ଛାତ୍ରୀଙ୍କୁ କହିଲା, ତୁମେ ଯେଉଁ ଜମାଅତ୍ ଅହେମଦିୟାକୁ ସମର୍ଥନ ଜଣାଉଛ ତୁମେ ଏଥିପାଇଁ ବିଦ୍ୟାଳୟରେ ଅସୁବିଧାର ସମ୍ମୁଖୀନ ହେବ । ତୁମେ ଓ ତୁମର ମାତାଶ୍ରୀ ଜମାଅତ୍ ଠାରୁ ଅଲଗା ହୋଇଯାଅ । ଯେତେବେଳେ ସେହି ବାଳିକାର ମାତାଶ୍ରୀଙ୍କୁ ଉକ୍ତ କଥା ଜ୍ଞାତ ହେଲା ସେତେବେଳେ ସେ ତୁରନ୍ତ ଦ୍ୱିଧାହୀନ ହୋଇ ସ୍ୱୟଂ ଉକ୍ତ ବିଦ୍ୟାଳୟରୁ ନିଜ କନ୍ୟାକୁ ସ୍ଥାନାନ୍ତର କରାଇଦେଲେ । ମହୋଦୟା କହିବାକୁ ଲାଗିଲେ ଯେ, ବର୍ତ୍ତମାନ ମୁଁ ଓ ମୋର କନ୍ୟା ଟିକିଏ ଶାନ୍ତିରେ ଅଛୁ । କାରଣ ଆମକୁ ଆଉ କେହି ଯେପରି ଧାର୍ମିକ ଆଧାରର ହଇରାଣ ଯେପରି ନକରନ୍ତୁ । ମୁଁ ଜମାଅତ୍‌କୁ ସତ୍ୟ ବୋଲି ମନେକରି ସ୍ୱୀକାର କରିଛି ତେବେ ମୁଁ ଅଣ ଅହେମଦିମାନଙ୍କ ସମ୍ମୁଖରେ ମଧ୍ୟ ପ୍ରସନ୍ନ ଏବଂ ଗର୍ବର ସହିତ ଏହା ପରିପ୍ରକାଶ କରିବି ଯେ, ମୁଁ ଜଣେ ଅହେମଦି ନାରୀ ବୋଲି ନିଜକୁ ଗର୍ବିତ ବୋଲି ମନେକରୁଛି । ସେମାନଙ୍କୁ ଭଲ ଲାଗୁ ବା ନଲାଗୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ହେଉଛି ସେହି ବିଶ୍ୱାସ ଯାହା ସେହି ଲୋକମାନଙ୍କ ମଧ୍ୟରେ ସୃଷ୍ଟି ହେଉଛି ।

ବୁଖାରୀ ଯାହାକି ଋଷ୍‌ର ଏକ ଅଞ୍ଚଳ ଅଟେ । ସେଠାକାର ସୁନ୍ନତ୍ ସୁଲ୍‌ତାନ ୱୋଚା ନାମକ ଜନୈକ ନୈଷ୍ଠିକ ଅହେମଦି ଅଟନ୍ତି । ମୂଳତଃ ଉଜ୍‌ବେକିସ୍ତାନ୍‌ର ଅଦିବାସୀ ଅଟନ୍ତି ଏବଂ ଋଷରେ ସେ ଚାକିରୀ କରନ୍ତି । ସେ କୁହନ୍ତି ମୁଁ କେବଳ ଏକୁଟିଆ ଅହେମଦି ଅଟେ ଏବଂ ନିଜର ପତ୍ନି ଓ ସନ୍ତାନମାନଙ୍କୁ ଇସ୍‌ଲାମ୍ ଓ ଅହେମଦିୟତ୍‌ର ଶିକ୍ଷା ସହିତ ଅବଗତ କରାଇ ସେମାନଙ୍କୁ ମଧ୍ୟ ଇସ୍‌ଲାମ୍ ଓ ଅହେମଦିୟତ୍‌ର ଆଲୋକ ଦ୍ୱାରା ଅବଗତ କରାଇଲି । ମୁଁ ସ୍ୱପ୍ନରେ ଦେଖିଲି ଯେ, ହ. ମସିହ୍ ମଉଦ୍ ଅ.ସ ମୋର ସ୍ୱପ୍ନରେ ଆସିଛନ୍ତି ଏବଂ ମୋ ଛାତିରେ ମୁଣ୍ଡ ରଖି ଅହରହ ସୁରାହ୍ ଇଖ୍‌ଲାସର ତିଲାୱତ୍ କରୁଛନ୍ତି । ଏହି ତିଲାୱତ୍ ଦ୍ୱାରା ମୋତେ ଅତ୍ୟନ୍ତ ହୃଦୟାତ୍ମକ ଶାନ୍ତି ପ୍ରାପ୍ତ ହେଲା । ସେହିପରି ମୁଁ ସ୍ୱପ୍ନରେ ଦେଖିଲି ଯେ, ବୈକୁଣ୍ଠରେ ନିଜର ପତ୍ନି ଓ ସନ୍ତାମାନଙ୍କ ସହିତ ମୁଁ ଅଛି ।

ସେଠାରେ ମୁଁ ହ. ମୁସା ଅ.ସ ଏବଂ ହ. ଇସା ଅ.ସଙ୍କୁ ମଧ୍ୟ ଦେଖିଲି । ମୋତେ ଉକ୍ତ ସ୍ୱପ୍ନ ଯୋଗୁଁ ସନ୍ତୁଷ୍ଟି ପ୍ରାପ୍ତ ହେଲା । ବୈକୁଣ୍ଠରୁ ଯଥାର୍ଥ ଇସ୍‌ଲାମ୍ ଅହେମଦିୟତ୍ ଅଟେ । ଅହେମଦିୟତ୍‌ର ଶିକ୍ଷା ସ୍ୱର୍ଗ ସଦୃଶ ଅଟେ ଓ ଅଲ୍ଲାଃତାଲା ନିଜ କୃପାରୁ ମୋର ପତ୍ନି ଏବଂ ମୋର ପୁତ୍ରକୁ ମଧ୍ୟ ଏହି ବୈକୁଣ୍ଠରେ ନେଇ ଆସିବେ । ବର୍ତ୍ତମାନ ମୋର ଏହି ସ୍ୱପ୍ନକୁ କିଛି ଦିନ ବିତି ନଥିଲା କି ଅଲ୍ଲାଃତାଲା ମୋର 19 ବର୍ଷୀୟ ସୁପୁତ୍ର ଦୟାର୍ ବେଗ୍ ସୁନ୍ନତ୍‌ର ହୃଦୟ ଇସଲାମ୍ ଓ ଅହେମଦିୟତ୍ ନିମନ୍ତେ ଉନ୍ମୁକ୍ତ କରିଦେଲେ ଏବଂ ସେ ବୈଅତ୍ କରିନେଲା । ମୋ ପାଇଁ ଏହା ଏତେ ଆନନ୍ଦର ଦିନ ଥିଲା ଯେ, ଏହାକୁ ମୁଁ ଶବ୍ଦରେ ପରିପ୍ରକାଶିତ କରିପାରିବି ନାହିଁ । ଏହିପରି ଅଲ୍ଲାଃତାଲା ମୋର ପତ୍ନିର ହୃଦୟକୁ ମଧ୍ୟ ଉନ୍ମୁକ୍ତ କରିଦିଅନ୍ତୁ ଓ ସେ ମଧ୍ୟ ଇସ୍‌ଲାମ୍ ଅହେମଦିୟତ୍‌ର କୋଳକୁ ଚାଲି ଆସନ୍ତୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ହେଉଛି ସେହି ଲୋକମାନଙ୍କର ଉତ୍ସାହ ଓ ଆବେଗ ।

ୟୁ.କେର ଜଣେ ନବଦୀକ୍ଷିତା ମହିଳା କୁହନ୍ତି । ମୋର ପୃଷ୍ଠଭୂମି ଇସ୍‌ଲାମ୍ ଧର୍ମ ଅଟେ । ମୋର ସଂପର୍କ ସୁନ୍ନୀ ସଂପ୍ରଦାୟ ସହିତ ଥିଲା । ଆମକୁ ଏହା ହିଁ କୁହାଯାଇଥିଲା ଯେ, ସୁନ୍ନୀ ସଂପ୍ରଦାୟ ହିଁ ପ୍ରକୃତ ଇସ୍‌ଲାମ୍ ଅଟେ । ସେ କୁହନ୍ତି, ଦିନେ ମୁଁ ନିଜର ବିଶ୍ୱବିଦ୍ୟାଳୟ ନିକଟବର୍ତ୍ତୀ ଜିଲିଂଘମ୍ ଅଞ୍ଚଳରେ ଘରେ ମସ୍‌ଜିଦ୍ ନାସିର୍‌ର ସ୍ୱର ଶୁଣିଲି । ମୁଁ ଖୁସି ହୋଇ ଘରକୁ ଆସି ନିଜର ପିତାଶ୍ରୀଙ୍କୁ କହିଲି, ପିତାଶ୍ରୀ ! ଆମ ବିଶ୍ୱବିଦ୍ୟାଳୟ ନିକଟବର୍ତ୍ତୀ ଏକ ସୁନ୍ଦର ମସ୍‌ଜିଦଟିଏ ମଧ୍ୟ ଅଛି । ପ୍ରତ୍ୟୁତ୍ତରରେ ମୋର ପିତାଶ୍ରୀ ତଦନ୍ତ କଲେ ।

ତଦନ୍ତ ଏବଂ ଅନୁସନ୍ଧାନ କରିବାରୁ ଜଣା ପଡ଼ିଲା ଯେ, ସେହି ମସଜିଦଟି ଏକ ଅହେମଦିୟା ମସ୍‌ଜିଦ୍ ଅଟେ । ଅତ୍ୟନ୍ତ କଠୋରତାର ସହିତ ମୋତେ କୁହାଗଲା ଏବଂ ବାରଣ କରାଗଲା ଯେ, ଉକ୍ତ ମସ୍‌ଜିଦ୍ ହେଉଛି କାଦିଆନୀମାନଙ୍କର ଏବଂ ସେମାନେ ଖତ୍‌ମେ ନବୁୱତ୍ ଉପରେ ବିଶ୍ୱାସ ରଖନ୍ତି ନାହିଁ ବା ବିଶ୍ୱାସ କରନ୍ତି ନାହିଁ । ଏହା ମିଥ୍ୟାରୋପଣ ଅଟେ । ସେହି ଅହେମଦିମାନେ ନିଜର ଅବତାର ତିଆରି କରିଛନ୍ତି ଇତ୍ୟାଦି ଇତ୍ୟାଦି । ସେଇଥିପାଇଁ ତୁମେ ଉକ୍ତ ମସ୍‌ଜିଦରୁ ଦୁରେଇ ରହିବ । ସେହି ଛାତ୍ରୀ ଜଣକ କୁହନ୍ତି, ପ୍ରାରମ୍ଭରେ ମୁଁ ପିତାଶ୍ରୀଙ୍କ କଥା ମାନି ନେଲି। କିନ୍ତୁ ମୋର ହୃଦୟ ଆଦୌ ଉକ୍ତ କଥାକୁ ସ୍ୱୀକାର କଲା ନାହିଁ । ମୋତେ ଏହା ଲାଗିଲା ଯେ, ମୋତେ ଅହେମଦିମାନଙ୍କ ସଂକ୍ରାନ୍ତରେ ଅଧିକ ଗବେଷଣା କରିବା ଉଚିତ୍ । କିନ୍ତୁ ଅନ୍ୟ ପଟରେ ଘର ଲୋକଙ୍କ ଭୟ ମଧ୍ୟ ମନରେ ରହିଥିଲା ଯେ, ମୁଁ ଯେପରି ଧରା ନପଡ଼େ ଏବଂ ପରିବାରର ସଦସ୍ୟମାନେ ଅସନ୍ତୁଷ୍ଟ ନହୁଅନ୍ତୁ । ବିଶ୍ୱବିଦ୍ୟାଳୟରେ କିଛି ଅହେମଦି ଛାତ୍ରମାନଙ୍କୁ ଭେଟିଲି । ସେମାନଙ୍କୁ ଇସ୍‌ଲାମ୍ ଓ ଅହେମଦିୟତ୍ ସଂକ୍ରାନ୍ତରେ ବିସ୍ତୃତ କଥୋପକଥନ କଲି । ପ୍ରଥମେ ମୁଁ ଏହା ପ୍ରମାଣିତ କରିବାକୁ ଚେଷ୍ଟା କଲି ଯେ, ସୁନ୍ନୀ ସଂପ୍ରଦାୟ ହିଁ ପ୍ରକୃତ ଇସ୍‌ଲାମ୍ ଧର୍ମ ଅଟେ । କିନ୍ତୁ ଏହି ପ୍ରକାରର ବାର୍ତ୍ତାଳାପ କରିବା ଦ୍ୱାରା ଅହେମଦିୟତ୍ ସଂପର୍କରେ ଗବେଷଣା କରିବାର ଯେଉଁ ସ୍ପୃହା ଏବଂ ଇଚ୍ଛାଶକ୍ତି ମୋ ମନରେ ଥିଲା ତାହା କ୍ରମଶଃ ବୃଦ୍ଧି ପାଇଲା । ଏତଦ୍‌ପରେ ମୋତେ ଜମାଅତ୍ ଅହେମଦିୟାର ୱେବ୍ ସାଇଟ୍ ସଂପର୍କରେ ଜ୍ଞାତ ହେଲା । ସେଠାରେ ମଧ୍ୟ ଅନେକ ଭିଡ଼ିଓ ଦେଖିବାକୁ ମିଳିଲା ଏବଂ ଅନେକ ବିଷୟବସ୍ତୁ ପାଠ କରିବାକୁ ମିଳିଲା । ମୋର ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ କେତେଗୁଡ଼ିଏ ପ୍ରଶ୍ନ ରହିଥିଲା ଯାହାର ମୋତେ ସାନ୍ତ୍ୱନାମୂଳକ ଉତ୍ତର ମିଳୁ ନଥିଲା । କିନ୍ତୁ ମୁଁ ଯେତେବେଳେ ଜମାଅତ୍ ଅହେମଦିୟାର ଲିଟ୍ରେଚର ଅଧ୍ୟୟନ କଲି ସେତେବେଳେ ମୁଁ ଯେଉଁ ପ୍ରଶ୍ନ ପଚାରିବାକୁ ଚାହୁଁଥିଲି ସେହି ସମସ୍ତ ପ୍ରଶ୍ନର ଉତ୍ତର ମୋତେ ମିଳିବାକୁ ଆରମ୍ଭ ହେଲା । ହୁଜୁର ଅନୱର୍ ଅ.ବ କହିଲେ, ବର୍ତ୍ତମାନ ଅହେମଦି ଯୁବକମାନଙ୍କୁ ମଧ୍ୟ ଏହା ଉପରେ ଧ୍ୟାନ ଦେବା ଉଚିତ୍ । କାରଣ ଯଦି ଅହେମଦି ଯୁବକମାନେ ସଠିକ୍ ଭାବରେ ଶିକ୍ଷା ଅର୍ଜନ କରିବାକୁ ଚାହୁଁଛନ୍ତି ତେବେ ସେମାନଙ୍କୁ ଉତ୍ତର ମିଳିଯିବ । ଅନ୍ୟଥା ସେମାନେ ଅନ୍ୟମାନଙ୍କ ଠାରୁ ପ୍ରଭାବିତ ହେଇଯିବେ । କେତେକ ଅହେମଦି ଯୁବକ ପ୍ରଭାବିତ ମଧ୍ୟ ହୋଇଯାଇ ଥାଆନ୍ତି। ସେହି ଛାତ୍ରୀ ଜଣକ କୁହନ୍ତି, ମୁଁ ଦୁଆ କରିବାକୁ ଆରମ୍ଭ କରିଦେଲି । କାରଣ ଅଲ୍ଲାଃତାଲା ମୋତେ କୌଣସି ନିଦର୍ଶନ ଦେଖାଇ ଦିଅନ୍ତୁ । ଏହା ମଧ୍ୟ ସତ୍‌ମାର୍ଗ ଆଡ଼କୁ ଆସିବାର ଏବଂ ସଠିକ୍ ମାର୍ଗ ସନ୍ଧାନ କରିବାର ଏକ ବୃହତ୍ ମାଧ୍ୟମ ଅଟେ। ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେମାନେ ପୁରାତନ ଅହେମଦି ହୁଅନ୍ତୁ ଅବା ନୂତନ ଅହେମଦି ହୁଅନ୍ତୁ ଅଲ୍ଲାଃତାଲାଙ୍କ ନିକଟରେ ଏହି ଦୁଆ ବା ପ୍ରାର୍ଥନା କରିବା ଉଚିତ୍ ଯେ, ଆମମାନଙ୍କର ବିଶ୍ୱାସ ସୁଦୃଢ ରହୁ ଏବଂ ଆମମାନଙ୍କୁ ମଧ୍ୟ କୌଣସି ନିଦର୍ଶନ ଅବଲୋକନ କରାଇ ଥାଆନ୍ତୁ ଓ ଆମମାନଙ୍କର ମାର୍ଗଦର୍ଶନ କରୁ ଥାଆନ୍ତୁ । ତେବେ ସେ ଯାହା ହେଉ ଉକ୍ତ ଛାତ୍ରୀ ଜଣକ କୁହନ୍ତି ଯେ, ଉକ୍ତ ଅବଧି ମଧ୍ୟରେ ମୁଁ ଅନେକ ସ୍ୱପ୍ନ ଦେଖିଲି । ଏକ ସ୍ୱପ୍ନରେ ମୁଁ ଦେଖିଲି ଯେ, ମୁଁ ଏକ ନଈ କୂଳେ ଛିଡ଼ା ହୋଇଛି ଏବଂ ଅନ୍ୟ କୂଳରେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅ କୌଣସି ଏକ ବ୍ୟକ୍ତିଙ୍କ ଘରୁ ଚାଲି ଆସୁଛନ୍ତି । ମୁଁ ନଈ ପାରି ହୋଇ ଅନ୍ୟ କୂଳକୁ ଯିବା ପାଇଁ ଚାହୁଁଥିଲି କିନ୍ତୁ ପାଣିର ସ୍ରୋତ ବହୁତ ପ୍ରଖର ଥିଲା । ସୁତରାଂ ହ. ଖଲିଫତୁଲ୍ ମସିହ୍ ରାବେ ର.ଅ କୁହନ୍ତି ଯେ, ଈଶ୍ୱର ନିଜର ଭକ୍ତମାନଙ୍କୁ ଏକୁଟିଆ ଓ ନିଃସହାୟ ଛାଡ଼ନ୍ତି ନାହିଁ। ତତ୍‌ସହିତ ଉକ୍ତ ନଦୀ ମଧ୍ୟ ସମାପ୍ତ ହୋଇଗଲା ଏବଂ ମୁଁ ଅନ୍ୟ ପଟରେ ଯାଇ ପହଞ୍ଚିଗଲି । ଏହିପରି ଭାବରେ ଆଉ ଏକ ସ୍ୱପ୍ନରେ ସେ ମୋତେ (ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କୁ) ଦେଖିଲେ ଏବଂ ଏହିପରି ଅବସ୍ଥାରେ ସେ ମୋତେ ଦେଖିଲେ ଯଦ୍ୱାରାକି ସେ ଅତି ମାତ୍ରାରେ ପ୍ରଭାବିତ ହେଲେ ।

ସେହିପରି ଆଉ ଏକ ସ୍ୱପ୍ନର ଉଲ୍ଲେଖ କରି ସେହି ଛାତ୍ରୀ ଜଣକ କୁହନ୍ତି ଯେ, ମୁଁ ନିଜର ଦାଦି (ଜେଜେମା)ଙ୍କୁ ଦେଖିଲି ସେ ମୋତେ କହୁଥିଲେ ଯେ, ହେ ମୋ ନାତୁଣୀ ! ତୁ ଯେତେବେଳେ ଇସଲାମାବାଦ୍ ଆସିଯିବୁ ସେତେବେଳେ ମୋତେ ମନେରଖିବୁ । ଭୁଲିଯିବୁ ନାହିଁ । ଏହି ସମସ୍ତ ସ୍ୱପ୍ନ ମୋ ନିମନ୍ତେ ଜ୍ୱଳନ୍ତ ନିଦର୍ଶନ ଥିଲା । ସୁତରାଂ ମୁଁ ବୈଅତ୍ କରିଦନେଲି । ବର୍ତ୍ତମାନ ଏହିପରି ଆଙ୍ଗୁଠି ଧରି ଅହେମଦିୟତ୍ ଆଡ଼କୁ ନେଇ ଆସିବା ଏବଂ ମନରେ ବିଶ୍ୱାସର ଦାର୍ଢ୍ୟତାକୁ ସୃଷ୍ଟି କରିବା ଏହା କେବଳ ଅଲ୍ଲାଃତାଲାଙ୍କ ସମର୍ଥନ ନୁହେଁ ତ' ଆଉ କ'ଣ ଅଟେ ? ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଦେଖନ୍ତୁ, ଆଫ୍ରିକାର ଏକ ଦେଶ ରହିଛି । ସେହି ଗ୍ରାମରେ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ଅହେମଦିୟତ୍ ସ୍ୱୀକାର କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରିବା ପରେ ପୁନଶ୍ଚ କିପରି ବିଶ୍ୱାସରେ ଦୃଢତ୍ୱତା ପ୍ରଦାନ କଲେ?

ବୁର୍କିନାଫାସୋର ଡୋରି ଅଞ୍ଚଳର ଏକ ଜମାଅତ୍ ରହିଛି ଯାହାର ନାମ ଟାକା (Taka) ଅଟେ । ସେହି ଜମାଅତ୍‌ର ଜାବିର୍ ସାହେବ ନାମକ ଜଣେ ସେବକ ଅଟନ୍ତି । ଜାବିର ସାହେବ ବିଲରେ କାମ କରୁଥିଲେ । ଆତଙ୍କବାଦୀମାନେ ତାଙ୍କୁ ଧରି ପକାଇଲେ ଏବଂ ତାଙ୍କୁ କହିଲେ, ଆମେମାନେ ଯେଭଳି ଭାବରେ କାଲି ମେହଦୀଆବାଦ୍ ଠାରେ ଅହେମଦିମାନଙ୍କୁ ମାରିଛୁ ତୁମକୁ ମଧ୍ୟ ହତ୍ୟା କରିଦେବୁ। ଏହାପରେ ସେମାନେ ଜାବିର୍ ସାହେବଙ୍କର ମୋବାଇଲ୍ ଫୋନ ନେଇ ଚେକ କଲେ ଯେ, ସେହି ମୋବାଇଲ୍‌ରେ ଜମାଅତ୍‌ର ମୁବଲ୍ଲିଗିନ୍‌ମାନଙ୍କର ଭାଷଣ ମିଳୁ । ଭାଷଣ ଶୁଣି ସେହି ଆତଙ୍କବାଦୀମାନେ କହିଲେ, ଆମେମାନେ ଏହି ସମସ୍ତ ମୁବଲ୍ଲିଗିନ୍‌ମାନଙ୍କୁ ସନ୍ଧାନରେ ଅଛୁ ଅର୍ଥାତ୍ ଖୋଜୁଛୁ । କାରଣ ଏମାନେ

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ରେଡ଼ିଓରେ ଅହେମଦିୟତ୍‌ର ପ୍ରଚାର କରୁଛନ୍ତି । ଏହିପରି ଭାବରେ ଅହେମଦି ସେବକ ଠାରୁ ତା'ର ପିତାଶ୍ରୀଙ୍କ ଠିକଣା ପଚାରିଲେ ଏବଂ କହିଲେ, ଆମେମାନେ କାଲି ତୁମ ଗ୍ରାମକୁ ଆସିବୁ । ଜାବିର୍ ସାହବେ ଯେତେବେଳେ ଉକ୍ତ କଥା ଜାଣିଲେ ସେତେବେଳେ ସେ ଘରକୁ ଆସିଲେ ଏବଂ ସେହି ରାତ୍ର ନିଜର ପିତାଶ୍ରୀ ଓ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ସାଙ୍ଗରେ ଧରି ରାତାରାତି ମୁହମ୍ମଦାବାଦ୍ ଠାରେ ଯାହାକି ଡୋରି ଅଞ୍ଚଳରେ ଅବସ୍ଥିତ ଅଟେ । ଯେଉଁଠି ଜମାଅତର ଜନସଂଖ୍ୟା ଅଧିକ ରହିଛି ସେଠାକୁ ଚାଲି ଆସିଲେ ଏବଂ ଘର ଦ୍ୱାର ଏବଂ ଆସବାବ ପତ୍ର ସବୁ ଛାଡି ଚାଲି ଆସିଲେ। ପରବର୍ତ୍ତୀ ଦିନ ଆତଙ୍କବାଦୀମାନେ ତାଙ୍କ ଗ୍ରାମକୁ ଆସିଲେ ଏବଂଗ୍ରାମବାସୀଙ୍କୁ ଜୋର ଜବରଦସ୍ତ ଜାବିର ସାହେବଙ୍କ ଘରର ଠିକଣା ଜାଣି ସେଠାରେ ପହଞ୍ଚିଲେ । ସମସ୍ତ ଘର ତଲାସୀ କରି ଜିନିଷ ପତ୍ର ସବୁ ଘରୁ ବାହାରକୁ କାଢି ଫିଙ୍ଗିଦେଲେ ଏବଂ ତତ୍‌ସହିତ ଏହା କହିଲେ, ଏଠାରେ ଯିଏ ବି ଅହେମଦି ଅଛି ତା'କୁ ଶହୀଦ୍ କରିଦେବୁ ।

ସେ ଯାହା ହେଉ ଜାବିର୍ ସାହେବ ସେଠାରୁ ବାହିର ଚାଲି ଆସିଥିଲେ ଏବଂ ବର୍ତ୍ତମାନ ଜମାଅତୀୟ ବ୍ୟବସ୍ଥା ଅନୁଯାୟୀ ସେଠାରେ ଅର୍ଥାତ୍ ମୁହମ୍ମଦାବାଦରେ ଅବସ୍ଥାନ କରନ୍ତି । ବୁର୍କିନାଫାସୋର ଶହୀଦ୍ ନିଜର ଜୀବନ ଦେଇ ସେଠାକାର ଅହେମଦିମାନଙ୍କର ବିଶ୍ୱାସକୁ ହ୍ରାସ ହେବାକୁ ଦେଇ ନାହାନ୍ତି । ବରଂ ପ୍ରତ୍ୟେକ ଦିନ ତାଙ୍କର ବିଶ୍ୱାସରେ ଦୃଢତା ପରିଲକ୍ଷିତ ହେଉଅଛି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ସେହି ଦରିଦ୍ର ଓ ଅଭାବି ଲୋକମାନେ ନିଜର ସ୍ୱଳ୍ପ ଧନ, ଘର ଦ୍ୱାର ଏବଂ ଜୀବନ ଜୀବିକା, ଆସବାବ ପତ୍ର ଇତ୍ୟାଦି ଉପରେ ସେମାନେ ନିର୍ଭର କରି ଚଳୁଥିଲେ ସେହି ସମସ୍ତ ଆସବାବ, ଘର ଦ୍ୱାରା ଓ ଧନକୁ ସେମାନେ ପରିତ୍ୟାଗ କରିଦେଲେ। କିନ୍ତୁ ବିଶ୍ୱାସକୁ ହାତଛଡ଼ା କଲେ ନାହିଁ । ସେହି ଲୋକମାନଙ୍କୁ ଅହେମଦିୟତ୍ ସ୍ୱୀକାର କରିବାକୁ ବର୍ତ୍ତମାନ କିଛି ବର୍ଷ ବିତି ନାହିଁ । କିନ୍ତୁ ବିଶ୍ୱାସରେ ସେମାନେ କିପରି ଉନ୍ନତି କରି ଚାଲିଛନ୍ତି । ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ବ୍ୟତୀରେକ ଅନ୍ୟ କୌଣସି ଅସ୍ତିତ୍ୱ ନୁହେଁ ଯିଏ ସେମାନଙ୍କର ବିଶ୍ୱାସକୁ ଏହିପରି ଦୃଢତ୍ୱତା ପ୍ରଦାନ କରୁଥିବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ପକ୍ଷରେ ଅହେମଦିୟତ୍‌ର ବିରୋଧ ସତ୍ତ୍ୱେ ବିଶ୍ୱାସର ଦୃଢତାର ଯେଉଁ ଦୃଶ୍ୟ ଆମେମାନେ ଅବଲୋକନ କରୁଛେ ଏବଂ ଅନ୍ୟପଟରେ ଏହା ମଧ୍ୟ ବହୁଳ ରୂପେ ଦେଖିବାକୁ ମିଳୁଛି ଯେ, କିଭଳି ଅଲ୍ଲାଃତାଲା ଲୋକମାନଙ୍କ ମନକୁ ହ. ମସିହ୍ ମଉଦ୍ ଅ .ସଙ୍କ ଅନୁଗାମୀମାନଙ୍କ ନିମନ୍ତେ ଉନ୍ମୁକ୍ତ କରୁଛନ୍ତି । ଆପଣ ଅ.ସ କହିଲେ, ଏହା ହେଉଛି ସେହି ସମୟ ଯେତେବେଳେ ତୁମେମାନେ ଖୋଜିବ ସେତେବେଳେ ଅଲ୍ଲାଃତାଲା ମଧ୍ୟ ତହିଁରେ ସାହାଯ୍ୟ କରିଥାଆନ୍ତି ।

ମଧ୍ୟ ଆଫ୍ରିକାର ୟଲୋକେ (Yaloke) ନାମକ ଏକ ସ୍ଥାନ ରହିଛି ସେଠାକାର ମୁଅଲ୍ଲିମ୍ ସିଲସିଲା କୁହନ୍ତି ଯେ, ଆମେମାନେ ତବ୍‌ଲିଗ୍ ପାଇଁ ଯେତେବେଳେ ସେଠାକୁ ଗଲୁ ସେତେବେଳେ 150 ଜଣ ସଦସ୍ୟ ବିଶିଷ୍ଟ ମହିଳା ଓ ପୁରୁଷମାନେ ତବ୍‌ଲିଗ୍ କଥା ଶୁଣିବା ନିମନ୍ତେ ଏକତ୍ରିତ ହୋଇଥିଲେ । ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ନିଦର୍ଶନ ଉପରେ ଭାଷଣ ଦେଲି ଏବଂ ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହେଲା। ସେଠାକାର ସାମାସା ଉମର୍ ସାହେବ ନାମକ (Samasa Omer) ସେଣ୍ଟ୍ରାଲ୍ ଇମାମ୍ କଥାବାର୍ତ୍ତା କରିବା ନିମନ୍ତେ ଅନୁମତି ଲୋଡ଼ିଲେ ଏବଂ ନିଜର କଥା ଉକ୍ତ ଆୟତରୁ ଆରମ୍ଭ କଲେ ଯେ, جَآءَ الۡحَقُّ وَزَهَقَ الۡبَاطِلُ اِنَّ الۡبَاطِلَ كَانَ زَهُوۡقًا (ବନି ଇସ୍ରାଇଲ୍: ୮୨) ଏବଂ ହେ ମୁହମ୍ମଦ ! ତୁମ୍ଭେ କୁହ, ସତ୍ୟ ଆସିଯାଇଅଛି ଓ ଅସତ୍ୟ ଲୋପ ପାଇ ହୋଇଅଛି । ବାସ୍ତବରେ ଅସତ୍ୟ ହିଁ ଲୋପ ପାଇଥାଏ । ପୁନଶ୍ଚ କହିଲେ, ଆପଣ ଯେଉଁ ବାର୍ତ୍ତା ଦେଇଛନ୍ତି ଆମେମାନେ ଏହା ପୂର୍ବରୁ ନା କେବେ ଶୁଣିଛୁ ଓ ନା ହିଁ କେବେ ଗବେଷଣା କିରଛୁ । ଅଲ୍‌ହମଦୁଲିଲ୍ଲାଃ ଆଜି ଆମ ଗ୍ରାମରେ ସତ୍ୟ ଆସିଯାଇଅଛି । ଆଁହଜରତ ସ.ଅ କହିଥିଲେ ଯେ, ଇମାମ୍ ମେହଦୀ ଅ.ସ ଯେତେବେଳେ ଆସିବେ ସେତେବେଳେ ତୁମେ ତାଙ୍କୁ ତୁରନ୍ତ ସ୍ୱୀକାର କରିନେବ । ଆଜି ମୁଁ ସ୍ୱୟଂ ମୋର 40 ଜଣ ସାଥି ଜମାଅତ୍ ଅହେମଦିୟା ମୁସ୍‌ଲିମାରେ ପ୍ରବିଷ୍ଟ ହେଉଛୁ ଏବଂ ଅଲ୍ଲାଃତାଲା ଆମମାନଙ୍କୁ ସତ୍ୟ ଉପରେ ଅବିଚଳ ରହିବକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହୁଜୁର ଅନ୍‌ୱର୍ ଅତଏବ୍ ଏହିପରି ଭାବହରେ ଅଲ୍ଲାଃତାଲା କିପରି ଲୋକମାନଙ୍କୁ ଜମାଅତ୍ ଆଡ଼କୁ ଆକର୍ଷିତ କରି ଥାଆନ୍ତି ଏହାର ମଧ୍ୟ ଅସଂଖ୍ୟ ଘଟଣାବଳୀ ରହିଛି। ମାଲିର କୋଲିକୌରା ଅଞ୍ଚଳ ରହିଛି । ସେଠାରେ ନମ୍ପା ନାମକ ଏକ ସ୍ଥାନ ରହିଛି । ସେହି ବର୍ଷ ସେଠାରେ କୋଲିକୋରୋ ଜମାଅତ୍ ନିଜର ସ୍ଥାନୀୟ ଜଲସା ଆୟୋଜନ କଲେ । ଜଲସା ଆୟୋଜନ ହେବା ପୂର୍ବରୁ ରେଡ଼ିଓରେ ଘୋଷଣା ମଧ୍ୟ କରାଗଲା । ସେହି ଗ୍ରାମଟି ଦୂର ହେବା ଯୋଗୁଁ ରେଡ଼ିଓ କେତେବେଳେ ଏପଟରେ ଶୁଭୁଥିଲା ତ' ଆଉ କେତେବେଳେ ଶୁଭୁ ନଥିଲା । କିନ୍ତୁ ସେହି ଦିନମାନଙ୍କରେ ରେଡ଼ିଓ ସେଠାରେ ଶୁଭିଲା ଏବଂ ସିଦ୍ଧିକ୍ ଜରା ସାହେବ ନାମକ ଜନୈକ ଅଣଅହେମଦି ବନ୍ଧୁ ରେଡ଼ିଓ ଶୁଣି ଜଲସାରେ ସାମିଲ୍ ହେବା ନିମନ୍ତେ ସଂକଳ୍ପ କରିନେଲେ । ତାଙ୍କ ସହିତ ତାଙ୍କର ଜଣେ ବନ୍ଧୁ ଥିଲେ ଯେକି ତାଙ୍କୁ ଅହେମଦିୟତ୍‌ର ଶିକ୍ଷା ନଶୁଣିବା ନିମନ୍ତେ କାଇଲ୍ (ପ୍ରବର୍ତ୍ତାବା ବା ବାଧ୍ୟ) କରୁଥିଲେ । ସେ କହୁଥିଲେ ଯେ, ଅହେମଦିୟତ୍ କଥା ଶୁଣ ନାହିଁ । ଏମାନେ ତ' ଅବିଶ୍ୱାସକାରୀ ଅଟନ୍ତି । କିନ୍ତୁ ସେ ଯାହା ହେଉ ନା କାହିଁକି ତାଙ୍କର ଅର୍ଥାତ୍ ଅହେମଦିଙ୍କର ଜୋର ଦେବାରୁ ତାଙ୍କର ଉଭୟ ବନ୍ଧୁ ଦ୍ୱୟ ଜଲ୍‌ସା ଆସିଗଲେ । ସେମାନେ ଦୀର୍ଘ ୮୦ କି.ମି ବ୍ୟବଧାନର ଯାତ୍ରା ଅତ୍ୟନ୍ତ ବିପଦପୂର୍ଣ୍ଣ ପରିସ୍ଥିତି ତଥା ଅତ୍ୟନ୍ତ କଷ୍ଟରେ ଅତିକ୍ରମ କଲେ । ସେଠାରେ ରାସ୍ତାଘଟ୍ ତ' ନାହିଁ। ସେ ଯାହା ହେଉ ପଚାରି ପଚାରି ଜଲ୍‌ସାର ଦୁଇ ଦିନ ପୂର୍ବେ ଜଲ୍‌ସା ସ୍ଥଳୀରେ ପହଞ୍ଚିଗଲେ । ସ୍ଥାନୀୟ ସଦର ସାହେବ ଓ ଜମାଅତ୍‌ର ସଦସ୍ୟବୃନ୍ଦ ତାଙ୍କର ଆତିଥ୍ୟତା କଲେ । ଜଲ୍‌ସା ପୂର୍ବରୁ ହିଁ ତାଙ୍କୁ ଅହେମଦିୟତ୍ ସଂପର୍କରେ ପରିଚୟ ପ୍ରାପ୍ତ ହେଲା । ଜଲସାର ଦିନ ମାନଙ୍କରେ ସେ ଭାଷଣ ଶୁଣିଲେ, ବାଜମାଅତ୍ ନମାଜ ତେହଜ୍ଜୁଦ୍ ପାଠ ଏବଂ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପରସ୍ପର ମଧ୍ୟରେ ପ୍ରେମ ଓ ନିଷ୍ଠାମୂଳକ ସଂପର୍କ ଦେଖିଲେ । ଏହାକୁ ଦେଖି ସେ ଗଭୀର ଭାବରେ ପ୍ରଭାବିତ ମଧ୍ୟ ହେଲେ । ଜଲ୍‌ସାର ଶେଷ ଦିନ ଯେତେବେଳେ ତାଙ୍କୁ ଅତିଥି ରୂପେ ନିଜର ପ୍ରତିକ୍ରିୟା ପ୍ରକାଶ କରିବା ନିମନ୍ତେ ଡକାଗଲା ସେତେବେଳେ ସେ ସମସ୍ତ ଘଟଣା ବୃତ୍ତାନ୍ତ ବର୍ଣ୍ଣନା କରି ଅହେମଦିୟତ୍ ସ୍ୱୀକାର କରିବାର ଘୋଷଣା କଲେ । ଏହାପରେ ତାଙ୍କର ସାଥି ତୁରନ୍ତ କିଛି କହିବାକୁ ଚାହିଁଲେ । ତାଙ୍କର ସାଥି କହିଲା, ବାସ୍ତବିକ ମୁଁ ନିଜର ବନ୍ଧୁମାନଙ୍କୁ ପଥଭ୍ରଷ୍ଟ କରିବା ପାଇଁ ଆସିଥିଲି । ହେଲେ ବର୍ତ୍ତମାନ ମୁଁ ନିଜେ ଅହେମଦିୟତ୍‌ର ପ୍ରଶଂସକ ପାଲିଟି ଯାଇଛି । ସୁତରାଂ ସେ ମଧ୍ୟ ଅହେମଦିୟତ୍ ସ୍ୱୀକାର କରିନେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଫ୍ରିକା ମହାଦେଶର କଙ୍ଗୋ ବ୍ରାଜାୱେଲ୍ ନାମକ ଏକ ଦେଶ ରହିଛି । ଜଣେ ଯୁବକ ସିରିଲ୍ ସାହେବ ଏଫ୍ .ଏ (2+) ପାଠ ପଢିଥିଲେ, ଉଚ୍ଚ ମାଧ୍ୟମିକ ଶିକ୍ଷା ସମାପ୍ତ କିରଥିଲେ ଏବଂ ଗ୍ରାମର କ୍ୟାଥୋଲିକ ମିଶ୍‌ନାରୀଙ୍କ ଠାରୁ ଖ୍ରୀଷ୍ଟ ଧର୍ମ ସଂପର୍କରେ ଶିକ୍ଷା ପ୍ରାପ୍ତ କରିବା ଆରମ୍ଭ କରିଦେଲେ। ଉକ୍ତ ମିଶନାରୀଙ୍କ ଠାରୁ ଶିକ୍ଷା ପ୍ରାପ୍ତ ପରେ ସେ ଚର୍ଚ୍ଚ ମାଧ୍ୟମରେ ହିଁ ବିଶ୍ୱବିଦ୍ୟାଳୟ ଯାଇଥାଆନ୍ତେ । ସେହି ସମୟରେ ତାଙ୍କ ସହିତ ଆମର ସ୍ଥାନୀୟ ମୁବଲ୍ଲିଗଙ୍କ ସାକ୍ଷାତ୍ ହୋଇଗଲା । ତେଣୁ ସେହି ଛାତ୍ରକୁ ଆମେ ତବ୍‌ଲିଗ୍ କରିବା ଆରମ୍ଭ କରିଦେଲୁ । ସେ ଦେଖିଲା ଯେ, ଜମାଅତ୍ ଅହେମଦିୟାର ପ୍ରମାଣ ବିପକ୍ଷରେ ନା ତା' ନିକଟରେ କୌଣସି ଉତ୍ତର ଥିଲା ଓ ନା ହିଁ ମିଶ୍‌ନାରୀ ଶିକ୍ଷକଙ୍କ ନିକଟରେ କୌଣସି ଉତ୍ତର ଥିଲା । ଏହିପରି ଭାବରେ ସେ ଖ୍ରୀଷ୍ଟିଆନ୍ ମିଶନାରୀ ହେବା ପରିବର୍ତ୍ତେ ବୈଅତ୍ କରି ଜମାଅତ୍ ଅହେମଦିୟାରେ ସାମିଲ୍ ହୋଇଗଲା । ବର୍ତ୍ତମାନ ଦାଇ ଇଲଲ୍ଲାଃ ରୂପେ ସେହି ଛାତ୍ର ଜଣକ ପ୍ରଚାର କରୁଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସିନିଗାଲ୍ ଅଞ୍ଚଳର ଟାମ୍ବାକୋଣ୍ଡା ନାମକ ଏକ ସ୍ଥାନ ରହିଛି । ସେଠାକାର ଅଞ୍ଚଳେ ତବ୍‌ଲିଗ୍‌ର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଗଲା। ସେଠାରେ କିଛି ବର୍ଷ ପୂର୍ବେ ଜଣେ ବ୍ୟକ୍ତି ନିଜର ପତ୍ନି ଓ ସନ୍ତାନଙ୍କ ସହିତ ଅହେମଦିୟତ୍ ସ୍ୱୀକାର କରିଥିଲେ । କିନ୍ତୁ ଗ୍ରାମର ଲୋକମାନେ ବିରୋଧ ପ୍ରଦର୍ଶନ କରୁଥିଲେ। ସେହି ବର୍ଷ ଗ୍ରାମ ମୁଖ୍ୟ ଏବଂ ଇମାମ୍ ସାହେବଙ୍କ ସହିତ ବାରମ୍ବାର ସାକ୍ଷାତ କରି ତବ୍‌ଲିଗ୍ (ପ୍ରଚାର) କାର୍ଯ୍ୟକ୍ରମ ପ୍ରସ୍ତୁତ କରାଗଲା । ଆଖପାଖ ଗ୍ରାମର ମୁଖ୍ୟ ଏବଂ ଇମାମଙ୍କ ସହିତ ସାଧାରଣ ନାଗରିକମାନଙ୍କୁ ମଧ୍ୟ ଆମନ୍ତ୍ରିତ କରାଗଲା। ମୁଅଲ୍ଲିମ୍ ସାହେବ ଇସଲାମ୍ ଧର୍ମର ସଂପ୍ରତିକ ଅବସ୍ଥା ଓ ଉକ୍ତ ଯୁଗରେ ମସିହ୍ ମଉଦ୍ ଅ.ସଙ୍କ ଆବଶ୍ୟକତା କାହିଁକି ପଡ଼ିଲା ? ମସିହ୍ ମଉଦ୍ ଅ.ସଙ୍କ ଆଗମନ ଏବଂ ଇସଲାମ୍ ଧର୍ମର ଉନ୍ନିତରେ ଜମାଅତ ଅହେମଦିୟାର ଭୂମିକା ବିଷୟ ବସ୍ତୁ ଉପରେ ଭାଷଣ ଦେଲେ ।

ଏତଦ୍‌ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହେଲା । ନିକଟବର୍ତ୍ତୀ ଗ୍ରାମରୁ ଯେଉଁ ଲୋକମାନେ ଆସିଥିଲେ, ସେମାନେ କହିବାକୁ ଲାଗିଲେ ଯେ, ସେମାନେ ଅହେମଦିୟତ୍‌ର ନାମ ପଡ଼ୋଶୀ ଦେଶ ଗ୍ୟାମ୍ବିୟାରେ ଶୁଣିଥିଲେ । କିନ୍ତୁ ସେମାନେ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ଆସ୍ଥା ଇତ୍ୟାଦି ସଂପର୍କରେ କିଛି ଜାଣି ନଥିଲେ । ଆଜି ଏହି ସଂପ୍ରଦାୟରେ ଜମାଅତ୍ ଅହେମଦିୟାର ଆସ୍ଥା ସଂପର୍କରେ ବ୍ୟାଖ୍ୟା ଶୁଣି ବିନା କୌଣସି ପ୍ରଶ୍ନ କରି ସେମାନେ ଅହେମଦିୟତ୍‌ରେ ସାମିଲ୍ ହେବାର ଘୋଷଣା କଲେ । ଏତଦ୍‌ପରେ ଗ୍ରାମର ଇମାମ୍ ସାହେବ ଛିଡ଼ା ହୋଇ ଅହେମଦିୟତ୍‌ର ସତ୍ୟତାର ଘୋଷଣା କଲେ । ସେହି ଗ୍ରାମର ଗ୍ରାମମୁଖ୍ୟ ନିଜ ପରିବାରବର୍ଗଙ୍କ ସମେତ ଅହେମଦିୟତ୍‌ରେ ପ୍ରବିଷ୍ଟ ହେବାର ଘୋଷଣା କଲେ ଏବଂ କହିଲେ, ଯଦି କୌଣସି ଉପସ୍ଥିତ ଶ୍ରୋତମଣ୍ଡଳୀଙ୍କୁ ମଧ୍ୟ କୌଣସି ବ୍ୟକ୍ତି ମନରେ ସନ୍ଦେହ ରହିଛି ତେବେ ସେ ଆସି ଏଠାରେ କହିଦେଉ । ଅନ୍ୟଥା ପରେ ବାହାନା କରି କହିଲେ ଆଉ ସେହି ବାହାନା ଚଳିବ ନାହିଁ । ଅର୍ଥାତ୍ ଗ୍ରହଣୀୟ ହେବ ନାହିଁ । ଏତଦ୍‌ପରେ ସମସ୍ତ ଉପସ୍ଥିତ ଶ୍ରୋତାମଣ୍ଡଳୀ ନିଜ ବଂଶ ଏବଂ ନିଜ ପରିବାର ସମେତ ଅହେମଦିୟତରେ ପ୍ରହବିଷ୍ଟ ହେବାର ଘୋଷଣା କଲେ । ଏହିପରି ଭାବରେ ଅଲ୍ଲାଃତାଲା ଧରି ଧରି ଲୋକମାନଙ୍କୁ ଅହେମଦିୟତ୍ ଆଡ଼କୁ ଟାଣି ଆଣୁଛନ୍ତି ।

ଋଷର ରାଜ୍ୟମାନଙ୍କ ମଧ୍ୟରୁ ଉଜ୍‌ବେକିସ୍ତାନ ନାମକ ଏକ ରାଷ୍ଟ୍ର ବା ରାଜ୍ୟ ରହିଛି। ସେଠାକାର ମୁସଲିମଖୋ ସାହେବ ନାମକ ଜଣେ ନବଦୀକ୍ଷିତ ବ୍ୟକ୍ତି ଅଟନ୍ତି। ସେ କୁହନ୍ତି, ପୂର୍ବେ ମୁଁ ଇମାମ୍ ଅବୁ ହନିଫା ର.ଅଙ୍କ ମତାବଲମ୍ବୀ ସହିତ ଜଡ଼ିତ ଥିଲି । ଦିନେ ମୋର ବନ୍ଧୁ ଆରବୀ ଭାଷା ଶିଖିବା ଉଦ୍ଦେଶ୍ୟରେ ମୋତେ ଜଣେ ଅହେମଦି ଗୁରୁଙ୍କ ନିକଟକୁ ନେଇଗଲେ । ମୁଁ ଆରବୀ ଭାଷା ଶିଖିବା ସହିତ ନିଜର ଗୁରୁଙ୍କୁ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ ପ୍ରଶ୍ନ ମଧ୍ୟ କରୁଥିଲି । ମୋତେ ଏତେ ସୁନ୍ଦର ଉତ୍ତର ମିଳିଲା ଯେ, ମୋର ହୃଦୟ ସଂପୂର୍ଣ୍ଣ ରୂପେ ସନ୍ତୁଷ୍ଟ ହୋଇଗଲା । ଗୁରୁ କହିଲେ, ଆପଣ ଯଦି ସଠିକ୍ ଉତ୍ତର ପ୍ରାପ୍ତ କରିବାକୁ ଚାହୁଁଛନ୍ତି, ମନକୁ ସ୍ପର୍ଶ କରୁଥିବା ତାର୍କିକପୂର୍ଣ୍ଣ ଉତ୍ତର ଚାହୁଁଛନ୍ତି ଏବଂ ସତ୍ୟାନ୍ୱେଷୀ ହେବାକୁ ଚାହୁଁଛନ୍ତି ତେବେ ଜମାଅତ୍ ଅହେମଦିୟା ବ୍ୟତୀତ ଅନ୍ୟ କେଉଁଠି ବି ଆପଣଙ୍କୁ ଉତ୍ତର ମିଳିବ ନାହିଁ । କାରଣ ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କୁ ଉକ୍ତ ଉତ୍ତର ପ୍ରଦାନ କରିଛନ୍ତି ଏବଂ ଆପଣ ଅ.ସ ସମସ୍ତ ପ୍ରଶ୍ନର ଉତ୍ତର ତଥା ବ୍ୟାଖ୍ୟା ପ୍ରଦାନ କରିଛନ୍ତି ।

ମୁସ୍‌ଲିମଖୋ ସାହେବ କୁହନ୍ତି, ମୁଁ ଯେତେବେଳେ ତାଙ୍କୁ ପଚାରୁଥିଲି ଯେ, ଏହି ସମସ୍ତ ଉତ୍ତରର ପ୍ରକୃତ ଝରଣା କେଉଁଠି ରହିଛି ? ଏହାର ମୂଳ କେଉଁଠି ପ୍ରାପ୍ତ ହୋଇପାରିବ ? ପ୍ରତ୍ୟୁତ୍ତରରେ ଆମର ଗୁରୁ ଆମମାନଙ୍କୁ ଜମାଅତ୍ ଅହେମଦିୟାର ପରିଚୟ ପ୍ରଦାନ କଲେ । ମହୋଦୟ କୁହନ୍ତି, ମୋର ହୃଦୟ ତ' ପୂର୍ବରୁ ହିଁ ସନ୍ତୁଷ୍ଟ ହୋଇସାରିଥିଲା । ସୁତରାଂ ମୁଁ ବୈଅତ୍ କରି ଜମାଅତ୍‌ରେ ସାମିଲ୍ ହୋଇଗଲି । ମୋ ପାଇଁ ଦୁଆ (ପ୍ରାର୍ଥନା) କରନ୍ତୁ ଯେ, ଅଲ୍ଲାଃତାଲା ମୋତେ ଉକ୍ତ ସତ୍‌ମାର୍ଗରେ ଅବିଚଳତା ପ୍ରଦାନ କରନ୍ତୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା କେବଳ ଲୋକମାନଙ୍କ ସମ୍ମୁଖରେ ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତା ପ୍ରମାଣିତ କରୁ ନାହାନ୍ତି ବରଂ ଖିଲାଫତେ ଅହମଦିୟାର ବ୍ୟବସ୍ଥା ପ୍ରତି ନିଜର ସାହାଯ୍ୟ ଓ ସମର୍ଥନର ଦୃଶ୍ୟ ମଧ୍ୟ ଅବଲୋକନ କରାଉଛନ୍ତି । ସେହିପରି ଅଲ୍ଲାଃତାଲା ସ୍ୱପ୍ନ ମାଧ୍ୟମରେ ହିଁ ସେମାନଙ୍କୁ ଦୃଢତ୍ୱତା ପ୍ରଦାନ କରିଦେଇ ଥାଆନ୍ତି ।

ସିନିଗାଲ୍ ଠାରେ ତାମ୍ବାକୋଣ୍ଡା ନାମକ ଏକ ଅଞ୍ଚଳ ରହିଛି । ମୁଅଲ୍ଲିମ୍ ସାହେବ ସେଠାକୁ ତବ୍‌ଲିଗ୍ (ପ୍ରଚାର) ଗସ୍ତରେ ଗଲେ । ମୁଅଲ୍ଲିମ୍ ସାହେବ କୁହନ୍ତି, ମୁଅଲ୍ଲିମିନ୍‌ମାନେ ଏଠାରେ ଯେତେବେଳେ ତବ୍‌ଲିଗ୍ କରିବା ଆରମ୍ଭ କଲେ, ଜମାଅତ୍‌ର ପ୍ରଚାର କରାଇଲେ ସେତେବେଳେ ମୁହମ୍ମଦ୍ ଜିୟାଲୁ ସାହେବ କହିଲେ, କ'ଣ ଆପଣ ଅହେମଦିୟା ଜମାଅତ୍‌ର ସଦସ୍ୟ ଅଟନ୍ତି ? ମୁଅଲ୍ଲିମ୍ ସାହେବ ସକାରାତ୍ମକ ଅର୍ଥାତ୍ ହଁ ରେ ଉତ୍ତର ପ୍ରଦାନ କଲେ । ତେବେ ଜିୟାଲୁ ସାହେବ କହିଲେ, ଗତକାଲି ସେ ସ୍ୱପ୍ନରେ ଦେଖିଥିଲେ ଯେ, ଜଣେ ବ୍ୟକ୍ତି ତାଙ୍କ ସ୍ୱପ୍ନରେ ଆସିଲେ ଏବଂ ତାଙ୍କୁ କହୁଛନ୍ତି ଯେ, ଇସ୍‌ଲାମ୍‌ର ସମସ୍ତ ସଂପ୍ରଦାୟ ମଧ୍ୟରେ ଅହେମଦିୟା ସଂପ୍ରଦାୟ ହିଁ ସତ୍ୟ ସଂପ୍ରଦାୟ ଓ ଇସ୍‌ଲାମ୍ ଧର୍ମ ହିଁ ସଠିକ୍ ଦ୍ୱିଭାଷିକ (ଅର୍ଥାତ୍ ଅନୁବାଦକ) ବା ପ୍ରତିନିଧିତ୍ୱ କରୁଛି ।

ତେଣୁ ତୁମେ ଉକ୍ତ ସଂପ୍ରଦାୟରେ ପ୍ରବିଷ୍ଟ ହୋଇଯାଅ । ବର୍ତ୍ତମାନ ପରବର୍ତ୍ତୀ ଦିନ ଆପଣମାନେ ଚାଲି ଆସିଛନ୍ତି । ତେବେ ତହିଁରେ କିଛି ନା କିଛି ସତ୍ୟତା ଅବଶ୍ୟ ଥିବ । ମୁଅଲ୍ଲିମ୍ ସାହେବ ଜିୟାଲୁ ସାହେବଙ୍କ ମୋବାଇଲରୁ ଖଲିଫାମାନଙ୍କର ଚିତ୍ର ଦେଖାଇଲେ । ମୋର (ଅର୍ଥାତ୍ ହୁଜୁର ଅନ୍‌ୱର୍ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ) ମଧ୍ୟ ତାଙ୍କୁ ଦେଖାଇଲେ । ସେ ମୋର ଫଟୋଚିତ୍ରକୁ ଦେଖି କହିଲେ, ହଁ ହଁ ଏହି ବ୍ୟକ୍ତିଙ୍କୁ ମୁଁ ମୋ ସ୍ୱପ୍ନରେ ଦେଖିଥିଲି । ଏହି ବ୍ୟକ୍ତି ମୋ ସ୍ୱପ୍ନରେ ଆସିଥିଲେ ଏବଂ ଉକ୍ତ ବ୍ୟକ୍ତି ଜଣକ ମୋତେ କହିଥିଲେ ଯେ, ମୁଁ ଜମାଅତ୍ ଅହେମଦିୟାର ଖଲିଫା ଅଟେ । ଉକ୍ତ ଘଟଣା ଶୁଣାଇ ତାଙ୍କର ଚକ୍ଷୁ ଲୋତକାପ୍ଲୁତ ହୋଇଗଲା । ସେ ସେହିଠାରେ ହିଁ ନିଜର ପରିବାର ବର୍ଗଙ୍କ ସହିତ ଅତ୍ୟନ୍ତ ଭାବ ବିହ୍ୱଳ ହୋଇ ଅହେମଦିୟତ୍‌ରେ ପ୍ରବିଷ୍ଟ ହେବାର ଘୋଷଣା କଲେ । ଜିୟାଲୁ ସାହେବ ବର୍ତ୍ତମାନ ତବ୍‌ଲିଗ୍ ମଧ୍ୟ କରୁଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ସ୍ୱପ୍ନ ମାଧ୍ୟମରେ ହିଁ ଅହେମଦିୟତ୍ ସ୍ୱୀକାର କରିବାର ଆଉ ଏକ ଘଟଣା ରହିଛି । କଙ୍ଗୋ କିନ୍‌ସାସା ନାମକ ଏକ ଦେଶ ରହିଛି । ଅନେକ ଦୂରତା ଏବଂ ବ୍ୟବଧାନ ରିହଛି । ସେଠାକାର ସଦର ଜମାଅତ୍ ସାହେବ ବାସ୍କା ମୁନୀର୍ ସାହେବ ଅଟନ୍ତି । ସେ କୁହନ୍ତି । ସେ ଖ୍ରୀଷ୍ଟିଆନରୁ ଅହେମଦି ହୋଇଥିଲେ । ସେ କୁହନ୍ତି, ଜମାଅତ୍‌ର ମୁବଲ୍ଲିଗିନ୍‌ମାନେ ଏଠାକୁ ଯେତେବେଳେ ତବ୍‌ଲିଗ କରିବାକୁ ଆସିଲେ ସେତେବେଳେ ମୁଁ ଇସ୍‌ଲାମ୍ ଧର୍ମକୁ ଚରମପନ୍ଥୀ ଧର୍ମ ବୋଲି ମନେକରୁଥିଲି । ହୁଜୁର୍ ଅନ୍‌ୱର୍ କହିଲେ, ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ ଅଣ ଧର୍ମାବଲମ୍ବୀମାନଙ୍କର ଏହି କୁମନ୍ତ୍ରଣା ରହିଛି ।

କିନ୍ତୁ ଅହେମଦି ମୁବଲ୍ଲିଗିନ୍‌ମାନେ ଯେଉଁ ଇସ୍‌ଲାମ୍ ଧର୍ମ ସଂପର୍କରେ କହୁଛନ୍ତି ବାସ୍ତବିକ ତାହା ମୋ ପାଇଁ ଅତ୍ୟନ୍ତ ଆଶ୍ଚର୍ଯ୍ୟକର ଥିଲା । ସେମିତି ଦେଖିବାକୁ ଗଲେ ମୁଁ ଖ୍ରୀଷ୍ଟ ଧର୍ମ ପ୍ରତି ବୀତସ୍ପୃହ ହୋଇ ପଡ଼ିଥିଲି । ଏହି ସମସ୍ତ ଅବସ୍ଥା ଏବଂ ପ୍ରସଙ୍ଗକୁ ଦେଖି ମୁଁ ଅନେକାଂଶରେ ଚିନ୍ତିତ ଥିଲି । ସୁତରାଂ ମୁଁ ଦୁଆ କରିବା ଆରମ୍ଭ କରିବା ଆରମ୍ଭ କରିଦେଲି । ଇତି ମଧ୍ୟରେ ଏକ ରାତ୍ରରେ ମୁଁ ସ୍ୱପ୍ନ ଦେଖିଲି ଯେ, ଜଣେ ଦିବ୍ୟ ପୁରୁଷ ଆସି କହୁଛନ୍ତି ଯେ, ସେମାନଙ୍କୁ ଛାଡ଼ିଦିଅ ଓ ଏହି ଆଡ଼କୁ ଚାଲିଆସ । ଉକ୍ତ କଥାର ସ୍ୱପ୍ନ ଫଳ ଅଲ୍ଲାଃତାଲା ମୋତେ ଏହା ବୁଝାଇଲେ ଯେ, ହେ ଜିୟାଲୁ ! ତୁମେ ଖ୍ରୀଷ୍ଟ ଧର୍ମ ପରିତ୍ୟାଗ କରି ଅହେମଦିୟତ୍ ଆଡ଼କୁ ଚାଲି ଆସ। ସୁତରାଂ ମୁଁ ବୈଅତ୍ କରି ଅହେମଦିୟତ୍‌ରେ ସାମିଲ୍ ହୋଇଗଲି ।

ହୁଜୁର ଅନ୍‌ୱର ଅ.ବ କହିଲେ, ଆଫ୍ରିକା ମହାଦେଶର ଚାଡ୍ ନାମକ ଏକ ଦେଶ ରହିଛି । ଏଠିକାର ଆଉ ଏକ ଘଟଣା ରହିଛି । ଅବ୍‌ଦୁଲ୍ଲାଃ ମୁହମ୍ମଦ ମୁସା ଯେକି ଆରବ୍ୟ ସଂପ୍ରଦାୟଭୁକ୍ତ ଅଟନ୍ତି । ସେ କୁହନ୍ତି, ଆମ ଏଠାକାର ମୁବଲ୍ଲିଗ୍ ଇନ୍‌ଚାର୍ଜ୍ ସାହେବ ଉଲ୍ଲେଖ କରନ୍ତି ଯେ, କିଛି ମାସ ପୂର୍ବେ ଆମର ସ୍ଥାନୀୟ ମୁଅଲ୍ଲିମ୍ ସାହେବଙ୍କ ସହିତ ତାଙ୍କର ସାକ୍ଷାତ ହେଲା । ମୁଅଲ୍ଲିମ୍ ସାହେବ ହ୍ୟୁମାନିଟି ଫାର୍ଷ୍ଟର କାର୍ଯ୍ୟ ପ୍ରସଙ୍ଗରେ ତାଙ୍କ ଅଞ୍ଚଳକୁ ମଧ୍ୟ ଯାଇଥିଲେ । ମୁଅଲ୍ଲିମ୍ ସାହେବ ଯେତେବେଳେ ଦ୍ୱିତୀୟ ଥର ତାଙ୍କ ଅଞ୍ଚଳକୁ ଗଲେ ସେତେବେଳେ ତାଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକ ଇସ୍‌ଲାମୀ ଉସୁଲ୍ କି ଫିଲାସଫି ଯାହାକି ଆରବୀ ଭାଷାରେ ଅନୁବାଦ ହୋଇଥିଲା ପଢିବା ନିମନ୍ତେ ଦେଲେ । କିଛି ସପ୍ତାହ ପରେ ଅବ୍‌ଦୁଲ୍ଲାଃ ସାହେବ ଦାରୁଲ୍ ହୁକୁମତ୍ ଚାଡ୍‌କୁ ଆସିଲେ ଏବଂ ମୁଅଲ୍ଲିମ୍ ସିଲ୍‌ସିଲାଙ୍କ ସହିତ ଯୋଗଯୋଗ କଲେ ଓ ୱଫାତେ ମସିହ୍ (ଇସା ଅ.ସଙ୍କ ମୃତ୍ୟୁ) ସଂପର୍କରେ ପ୍ରଶ୍ନ କଲେ । ସେ କହିଲେ, ମୁଁ ହୟାତେ ମସିହ୍ ସଂପର୍କରେ ବିଦ୍ୱାନ୍‌ମାନଙ୍କୁ ପଚାରିଛି । କିନ୍ତୁ କେହି ମୋତେ ସାନ୍ତ୍ୱନାମୂଳକ ଉତ୍ତର ପ୍ରଦାନ କଲେ ନାହିଁ । ରାତ୍ରରେ ମୁଅଲ୍ଲିମ୍ ସାହେବଙ୍କ ନିକଟରେ ଅବସ୍ଥାନା କଲି । ଅହୋରାତ୍ର ଜମାଅତ୍ ଅହେମଦିୟା ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସଂପର୍କରେ ପ୍ରଶ୍ନ କରୁଥିଲେ ଓ କହିଲେ କି ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରୁଛି ଯ, ଅଲ୍ଲାଃତାଲା ମୋର ମାର୍ଗଦର୍ଶନ କରନ୍ତୁ ।

ସକାଳେ ଫଜର ନମାଜ ପରେ କିଛି ସମୟ ପାଇଁ ଶୋଇଲେ ଏବଂ ହଠାତ୍ ଉଠି ପଡ଼ି ମୁଅଲ୍ଲିମ୍ ସାହେବଙ୍କୁ କହିବାକୁ ଲାଗିଲେ ଯେ, ମୁଅଲ୍ଲିମ୍ ସାହେବ ! ମୁଁ ଯେତେବେଳେ ଶୋଉଥିଲି ସେତେବେଳେ ସ୍ୱପ୍ନରେ ମୁଁ ଏହି ସ୍ୱର ଶୁଣିଲି, يَّاۡتِیۡ مِنۢ بَعۡدِی اسۡمُهٗۤ اَحۡمَدُ **(ସଫ୍: 7)** ମୁଅଲ୍ଲିମ୍ ସାହେବ ଯେତେବେଳେ ଉକ୍ତ ଆୟତ୍ ସଂପର୍କରେ କହିଲେ ଯେ, ଉକ୍ତ ଆୟତ୍‌ରେ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ଉକ୍ତ ଆୟତ୍‌ଟି ଜମାଅତ୍ ଅହେମଦିୟାର ସତ୍ୟତାର ପ୍ରମାଣ ଅଟେ । ତେବେ ଉକ୍ତ କଥାକୁ ଶୁଣି ସେ କହିବାକୁ ଲାଗିଲେ ଯେ, ଅଲ୍ଲାଃତାଲା ମୋର ମାର୍ଗଦର୍ଶନ କରି ଦେଇଛନ୍ତି। ସେ ଆରବୀ ଭାଷା ଲେଖାପଢା ଜାଣିଥିଲେ । ସେ ଯାହା ହେଉ ନା କାହିଁକି ସେ କହିଲେ, ଉକ୍ତ ଆୟତର ଏହି ଅର୍ଥ ମଧ୍ୟ ରହିଛି ତେବେ ସେପରିପ୍ରେକ୍ଷୀରେ ସେ ଅହେମଦି ହୋଇଗଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମେରିକାର ମାର୍ଶଲ ଆୟଲ୍ୟାଣ୍ଡ ନାମକ ଏକ ଉପଦ୍ୱୀପ ରହିଛି । ସେଠାକାର ମୁବଲ୍ଲିଗ୍ ସିଲ୍‌ସିଲା ଉଲ୍ଲେଖ କରନ୍ତି ଯେ, ହର୍ମନ ଲାଜର୍ (Hermon Lajar) ସାହେବ ନାମକ ଜଣେ ଅଧ୍ୟାପକ ଥିଲେ ସେ ମହାବିଦ୍ୟାଳୟ (କଲେଜରେ)ରେ ଅଧ୍ୟାପନ ଦେଉଥିଲେ । ପବିତ୍ର କୁରଆନ୍

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

କରୀମ୍‌ର ଏକ ଆୟତ୍‌ର ମାର୍ଶଲୀ ଭାଷାରେ ଅନୁବାଦ କରିବାର ଆବଶ୍ୟକତା ଥିଲା । ତେବେ ଏଥିପାଇଁ ମୁବଲ୍ଲିଗ୍ ସାହେବ ତାଙ୍କ ସହିତ ଯୋଗଯୋଗ କଲେ । ଅନୁବାଦ ନିମନ୍ତେ ସେ ଯେତେବେଳେ ତାଙ୍କ ନିକଟକୁ ଗଲେ । ତାଙ୍କୁ ଯେତେବେଳେ ଏହା ଜ୍ଞାତ ହେଲା ଯେ, ଉକ୍ତ ଆୟତ୍‌ଟି ପବିତ୍ର କୁରଆନ୍ କରୀମ୍‌ର ଆୟତ୍ ଅଟେ । ସେତେବେଳେ ସେ ବିବ୍ରତ ହୋଇ ପଡ଼ିଲେ । କାରଣ ଇସ୍‌ଲାମ୍ ଧର୍ମ ତାଙ୍କ ନିମନ୍ତେ ସଂପୂର୍ଣ୍ଣ ରୂପେ ନିଆରା ତଥା ନୂତନ ଥିଲା । କହିବାକୁ ଲାଗିଲେ ମୁଁ ଯେକୌଣସି ଧାର୍ମିକ ପୁସ୍ତକର ଅନୁବାଦ କରିବାକୁ ଭୟ ମନେକରେ । ବିଶେଷ କରି ବାଇବେଲ୍ ଓ ପବିତ୍ର କୁରଆନ୍ କରୀମ୍ ମଧ୍ୟରେ ଅତ୍ୟନ୍ତ ମତଭେଦ ଦେଖିବାକୁ ମିଳିଥାଏ । ସେ ଯାହେହେଉ ସେ ଅନୁବାଦ କରିଦେଲେ । ସେ କୁହନ୍ତି, ମୁଁ କିଛି ମାସ ପରେ ତାଙ୍କ ଠାରୁ ମାର୍ଶଲୀ ଭାଷା ଶିଖିବା ଆରମ୍ଭ କରିଦେଲି । ସେ ଭାଷା ଶିଖିବା ନିମନ୍ତେ ମସ୍‌ଜିଦ ଆସୁଥିଲେ । ସେହି ସମୟରେ ଅନେକ ଥର ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ କଥା ହେଉଥିଲା । ଆଁହଜରତ ସ.ଅଙ୍କ ଶିକ୍ଷା ସହିତ ଅବଗତ କରାଉଥିଲି । ଫଳତଃ ମହୋଦୟ ଇସ୍‌ଲାମ୍ ଧର୍ମର ଶିକ୍ଷା ସହିତ ଭଲ ଭାବରେ ପରିଚିତ ହୋଇଗଲେ। ବର୍ତ୍ତମାନ ଅଧିକ ସମୟ ବିତି ନଥିଲା କି ମୁଁ ମାର୍ଶଲ୍ ଆଇଲ୍ୟାଣ୍ଡ୍‌ର ମୁବଲ୍ଲିଗ୍ ସାହେବଙ୍କୁ ଏହି ସନ୍ଦେଶ ପ୍ରେରଣ କଲି ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକ **''ଆମର ଶିକ୍ଷା''**ର ମାର୍ଶଲୀ ଭାଷାରେ ଅନୁବାଦ କରନ୍ତୁ । କାରଣ ନବାଗତ ଅହେମଦିମାନଙ୍କ ନିମନ୍ତେ ସଂସ୍କାରର ବହୁତ ଆବଶ୍ୟକତା ରହିଛି । ସୁତରାଂ ମୁଁ ପୁନଶ୍ଚ ଲାଜିର୍ ସାହେବଙ୍କ ଠାରୁ ଏସମ୍ବନ୍ଧରେ କଥାବାର୍ତ୍ତା କଲି ଏବଂ ସେ ସାହାଯ୍ୟ କରିବା ନିମନ୍ତେ  ସହମତି ପ୍ରକାଶ କଲେ ।

ବର୍ତ୍ତମାନ ସେ କୁହନ୍ତି, ତାଙ୍କର ଇସ୍‌ଲାମ୍ ଧର୍ମ ସଂପର୍କରେ ଯେଉଁ ଆଚରଣ ରହିଥିଲା ତାହା ସଂପୂର୍ଣ୍ଣ ରୂପେ ବଦଳି ଯାଇଥିଲା । ଏଥର ସେ ନିଜର ଚାକିରୀର ଅସୁବିଧା ଏବଂ ସମସ୍ୟା ସଂପର୍କରେ ଚର୍ଚ୍ଚା କଲେ । ପୁନଶ୍ଚ କହିଲେ, ଦୁଆ କରନ୍ତୁ କିନ୍ତୁ ଇସା ଅ.ସଙ୍କ ନାମ ସହିତ ନୁହେଁ । ଅଲ୍ଲାଃତାଲାଙ୍କ ସମକ୍ଷରେ ଦୁଆ କରନ୍ତୁ। ସୁତରାଂ ସେ ଦୁଆ କୁରଥିଲେ ଏବଂ କିଛି ସପ୍ତାହ ପରେ ମିନିଷ୍ଟ୍ରି ଅଫ କଲଚର (ସଂସ୍କୃତି ମନ୍ତ୍ରାଳୟ)ତାଙ୍କୁ ଏକ ନୂତନ ଡିପାର୍ଟମେଣ୍ଟ ଖୋଲି ତାଙ୍କ କ୍ଷେତ୍ରରେ ତାଙ୍କୁ ଚାକିରୀ ଦେଇଦେଲା ।  ସେ ଯେଉଁଠି ଆବେଦନ କିରଥିଲେ ସେଠାରେ ତାଙ୍କୁ ତୁରନ୍ତ ଚାକିରୀ ମିଳିଗଲା । ମହୋଦୟ କହିଲେ, ବର୍ତ୍ତମାନ ମୁଁ ଯେତେବେଳେ ବି ଦୁଆ କରୁଛି ସେତେବେଳେ ନିଜକୁ ହ. ଇସା ଅ.ସଙ୍କ ନାମ ନେବାରୁ ଅଟକାଉଛି । ଏହା ବଦଳରେ ଅର୍ଥାତ୍ ଇସା ଅ.ସଙ୍କ ବଦଳରେ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କରୁଛି । କିଛି କାଳ ପରେ ତାଙ୍କୁ ଚାକିରୀ ନିମନ୍ତେ ଅନୁମତି ମଧ୍ୟ ମିଳିଗଲା । ଦୁଆ ସ୍ୱୀକୃତ ହେବାର ନିଦର୍ଶନ ଦେଖି ହ. ମସିହ୍ ମଉଦ୍ ଅ.ସଙ୍କ ଶଦ୍ଧ ପାଠ କରି  ଲାଜିର ସାହେବ ବୈଅତ୍ କରିନେଲେ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକ ''ଆମର ଶିକ୍ଷା''ର ମାର୍ଶଲୀ ଭାଷାରେ ଅନୁବାଦ ମଧ୍ୟ ଚୂଡ଼ାନ୍ତ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ପହଞ୍ଚି ଯାଇଛି।

ହୁଜୁର ଅନୱର୍ ଅ.ବ କହିଲେ, ଅଲ୍ଲାଃତାଲା କିପରି ଲୋକମାନଙ୍କର ହୃଦୟକୁ ଇସ୍‌ଲାମ୍ ଧର୍ମ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ଆଡ଼କୁ ମୋଡ଼ି (ଆକୃଷ୍ଟ କରି) ଦେଇଛନ୍ତି । ଖ୍ରୀଷ୍ଟ ଧର୍ମ ପୃଥିବୀରେ ଖ୍ରୀଷ୍ଟତ୍ୱର ଧ୍ୱଜା ରୋପଣ କରିବାର କଥା କହୁଥିଲା ଆଉ କେଉଁଠି ବର୍ତ୍ତମାନ ଖ୍ରୀଷ୍ଟିଆନ୍‌ମାନେ ବର୍ତ୍ତମାନ ହ. ମୁହମ୍ମଦ ମୁସ୍ତଫା ସ.ଅଙ୍କ ଧ୍ୱଜା ତଳେ ଆସୁଛନ୍ତି । ଏହି ସମସ୍ତ ପ୍ରସଙ୍ଗକୁ ଦେଖି ମଧ୍ୟ ସେହି ନାମକୁ ମାତ୍ର ଧର୍ମର ଠିକାଦାରମାନଙ୍କର ଆଖି ଯଦି ଫିଟୁ ନାହିଁ ତେବେ ସେମାନଙ୍କର ପ୍ରସଙ୍ଗ ଅଲ୍ଲାଃତାଲାଙ୍କ ଉପରେ ରହିଛି । ଅର୍ଥାତ୍ ଅଲ୍ଲାଃତାଲା ସେମାନଙ୍କ କଥା ବୁଝିବେ ।

ହ. ମସିହ୍ ମଉଦ୍ ଅ.ସଙ୍କ ମାଧ୍ୟମରେ ଅଲ୍ଲାଃତାଲାଙ୍କ ସନ୍ଦେଶକୁ ସଂସାରର କୋଣ ଅନୁକୋଣ ପର୍ଯ୍ୟନ୍ତ ପହଞ୍ଚାଇବା ନିମନ୍ତେ ଜମାଅତ୍ ଅହେମଦିୟା ମାଧ୍ୟମରେ ଯେଉଁ କାର୍ଯ୍ୟ ଅଲ୍ଲାଃତାଲା କରାଉଛନ୍ତି ତାହା **ଇନ୍‌ଶାଅଲ୍ଲାଃ** ସଂପ୍ରସାରିତ ଓ ବ୍ୟାପୀବ । କେହି ଈଶ୍ୱରଙ୍କ ଉକ୍ତ କାର୍ଯ୍ୟକୁ ରୋକି ପାରିବ ନାହିଁ । କିନ୍ତୁ ପ୍ରତ୍ୟେକ ଅହେମଦିକୁ ଉକ୍ତ କଥାକୁ ବୁଝିବା ଉଚିତ୍ ଯେ, କେବଳ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିନେବା ଯଥେଷ୍ଟ ନୁହେଁ ବରଂ ଆମମାନଙ୍କୁ ନିଜ ମଧ୍ୟରେ ପବିତ୍ର ପରିବର୍ତ୍ତନ ସୃଷ୍ଟି କରିବାକୁ ହେବ । ଏହି ଅହେମଦିମାନେ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରେରିତ ଶିକ୍ଷାର ପ୍ରକୃତ ଉଦାହରଣ ହୁଅନ୍ତୁ ଏବଂ ଆଁହଜରତ ସ.ଅଙ୍କ ସୁନ୍ନତ୍ (ବ୍ୟାବହାରିକ କାର୍ଯ୍ୟାନୁସରଣ)ର ପ୍ରତିଛବି ହୁଅନ୍ତୁ । ଯେତେବେଳେ ଏପରି ହେବ ସେତେବେଳେ ଆମେମାନେ ଅଲ୍ଲାଃତାଲାଙ୍କ କୃପାର ପାତ୍ର କୃପାର ପ୍ରକୃତ ଅଧିକାରୀ ହୋଇପାରିବା। ଅଲ୍ଲାଃତାଲା ଏଥିନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

**ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି**

''ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: ''ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।''

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

ହୁଜୁର ଅନ୍‌ୱର ଅ.ବ କହିଲେ, ପାଲେଷ୍ଟାଇନ୍‌ବାସୀମାନଙ୍କ ପାଇଁ ମଧ୍ୟ ଦୁଆ କରୁ ଥାଆନ୍ତୁ । ସେମାନଙ୍କ ଉପରେ ଯେଉଁ ଅକଥନୀୟ ଅତ୍ୟାଚାର ହେଉଅଛି ସେହି ଅତ୍ୟାଚାରରୁ ଅଲ୍ଲାଃତାଲା ସେମାନଙ୍କୁ ମୁକ୍ତି ପ୍ରଦାନ କରନ୍ତୁ । କୁହାଯାଏ ଯେ, କିଛି ଦିନ ପାଇଁ ଯୁଦ୍ଧ ବିରତି ହୋଇଛି । କାରଣ ଲୋକମାନଙ୍କ ପର୍ଯ୍ୟନ୍ତ ଜୀବନ ଆବଶ୍ୟକ ନିମିତ୍ତ ସମାଗ୍ରୀ ଯେପରି ପହଞ୍ଚି ଯାଉ । କିନ୍ତୁ ଏହାପରେ ପୁଣି କ'ଣ ହେବ ?  ସାହାଯ୍ୟ ପହଞ୍ଚାଇ ପୁଣି ସେମାନଙ୍କୁ ମାରିବେ । ଇସ୍ରାଇଲ୍ ସରକାରଙ୍କ ଉଦ୍ଦେଶ୍ୟ ଅତ୍ୟନ୍ତ ଭୟଙ୍କର ପ୍ରତିତ ହେଉଛି । କାରଣ ତାଙ୍କ ସରକାରଙ୍କ ଜଣେ ବିଶିଷ୍ଟ ପରାମର୍ଶଦାତା କାଲି ପର ଦିନ ଏକ ଘୋଷଣା କରିଛି ଯେ, ଯଦି ଉକ୍ତ ଯୁଦ୍ଧ ବିରତି ପରେ ପୁଣିଥରେ ତୁରନ୍ତ ଯୁଦ୍ଧ ଆରମ୍ଭ ନକରାଗଲା ତେବେ ମୁଁ ଦେଶରୁ ବାହାରିଯିବି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସୁତରାଂ ଏହିପରି ସେମାନଙ୍କର ଚିନ୍ତାରଧାରା   ରହିଛି ।

ପ୍ରକାଶ୍ୟ ରୂପେ ବୃହତ୍ ଶକ୍ତି ସହାନୁଭୂତ ତ' ପ୍ରଦର୍ଶନ କରିଥାଆନ୍ତି । କିନ୍ତୁ ନ୍ୟାୟ କରିବାକୁ ସେମାନେ ଚାହୁଁ ନାହାନ୍ତି । ଉକ୍ତ ପ୍ରସଙ୍ଗରେ ସେମାନେ ସମ୍ବେଦନଶୀଳ ନୁହନ୍ତି । ସେମାନଙ୍କୁ ଏହା ଜ୍ଞାତ ନାହିଁ ବା ସେମାନେ ଏହା ମନେ କରନ୍ତି ଯେ, ଉକ୍ତ ଯୁଦ୍ଧ ବିଭିଷୀକା ସେହି ଦେଶ ପର୍ଯ୍ୟନ୍ତ ହିଁ ସୀମିତ ରହିବ । କିନ୍ତୁ  ଯେଉଁମାନେ ବୁଦ୍ଧିମାନ ଅଟନ୍ତି ସେମାନେ ମଧ୍ୟ କହିବାକୁ ଲାଗିଛନ୍ତି ଯେ, ଉକ୍ତ ଯୁଦ୍ଧ କେବଳ ସେହି ଅଞ୍ଚଳ ପର୍ଯ୍ୟନ୍ତ ସୀମିତ ରହିବା ନାହିଁ । ବରଂ ବାହାରକୁ ମଧ୍ୟ ସଂପ୍ରସାରିତ ଓ ବ୍ୟାପୀବ ଏବଂ ସେମାନଙ୍କ ଦେଶ ପର୍ଯ୍ୟନ୍ତ ପହଞ୍ଚିଯିବ । ମୁସଲମାନ ରାଷ୍ଟ୍ରମାନେ ଯଦିଚ କିଛି କହିବାକୁ ଆରମ୍ଭ କରିଛନ୍ତି । ଯେପରି ଶୁଣିବାକୁ ମିଳିଛି ଯେ, ସାଉଦି ସମ୍ରାଟ୍ ମଧ୍ୟ କହିଛି ଯେ, ମୁସଲମାନମାନଙ୍କର ଏକ ସ୍ୱର ହେବା ଉଚିତ୍ । ତେବେ ଏଥିପାଇଁ ମୁସଲମାନମାନଙ୍କୁ ଏକଜୁଟ ହେବାକୁ ହେବ ଏବଂ ଗୋଟିଏ ସ୍ୱର ହେବାକୁ ପଡ଼ିବ। ଏଥି ପାଇଁ ଏକ ଦୃଢ ଉଦ୍ୟମ ମଧ୍ୟ କରିବାକୁ ପଡ଼ିବ । ଯଦି ଉକ୍ତ ମନୋଭାବ ସୃଷ୍ଟି ହୋଇଛି ତେବେ ଅଲ୍ଲାଃତାଲା ସେମାନଙ୍କର ଉକ୍ତ ମନୋଭାବ ତଥା ଇଚ୍ଛାଶକ୍ତିକୁ ବ୍ୟବହାରିକ ପୁଟ (ଆବରଣ ବା ବସ୍ତ୍ର) ପରିଧାନ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ। ସେ ଯାରହା ହେଉ ଦୁଆ ପ୍ରତି ବିଶେଷ ରୂପେ ଧ୍ୟାନ ଦିଅନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ନମାଜ ପରେ ମୁଁ କେତେକ ମୃତକ ମତ୍ତକାମାନଙ୍କର ନମାଜ  ଯନାଜାଃ ଗାଏବ୍ ପାଠ କରିବି । ପ୍ରଥମ ମୃତକ ଏବଂ ପ୍ରଥମ ଯନାଜାଃ ହେଉଛି ସ୍ୱର୍ଗତ ଅବ୍‌ଦୁସ୍ ସଲାମ ଆରିଫ୍ ସାହେବ ମବଲ୍ଲିଗ୍ ସିଲ୍‌ସିଲାଙ୍କର । ବିଗତ ଦିନ 54 ବର୍ଷ ବୟସରେ ତାଙ୍କର ଅକାଳ ବିୟୋଗ ହୋଇଯାଇଛି ।اِنَّالِلّٰهِ وَاِنَّا اِلَيْهِ رٰجِعُوْنَ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ଅବଦୁସ୍ ସଲାମ ଆରିଫ୍ ସାହେବ ଓସିୟତ୍ କରିଥିଲେ । ତାଙ୍କ ବଂଶରେ ଅହେମଦିୟତ୍ ତାଙ୍କର ପଣ ନନା (ପଣଅଜା) ହାଜି ହସନ୍ ଖାନ ସାହେବଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । ସେ 1937 ମସିହାରେ ଖିଲାଫତେ ସାନିୟା କାଳରେ ଅହେମଦିୟତ୍ ସ୍ୱୀକାର କରିଥିଲେ ।  ତାଙ୍କ ପତ୍ନିଙ୍କର ମଧ୍ୟ ବିୟୋଗ ହୋଇଯାଇଥିଲା । ଅଲ୍ଲାଃତାଲା ତାଙ୍କୁ ଦୁଇ ପୁତ୍ର ପ୍ରଦାନ କରିଥିଲେ ଏବଂ ଉଭୟ ପୁତ୍ର ହାଫିଜେ କୁରଆନ୍ (ପବିତ୍ର କୁରଆନ୍ କରୀମର ମୁଖସ୍ତକାରୀ ବା କଣ୍ଠସ୍ତକାରୀ ଅଟନ୍ତି) । ଜଣେ ପୁତ୍ର ମୁବଲ୍ଲିଗ୍ ସିଲସିଲା ଅଟନ୍ତି ଓ ଅନ୍ୟ ଜଣେ ପୁତ୍ର ୱାକଫେ ଜିନ୍ଦିଗୀ ଅଟନ୍ତି । ତାଙ୍କର ସୁପୁତ୍ର ହାଫିଜ୍ ଅବ୍‌ଦୁଲ୍ ମୁନିମ୍ ସାହେବ ଯେକି ମୁବଲ୍ଲିଗ୍ ସିଲସିଲା ଅଟନ୍ତି ସେ କୁହନ୍ତି, ପିତାଶ୍ରୀ ଆମକୁ ବହୁତ ଭଲ ପାଉଥିଲେ । ଏବଂ ଅତ୍ୟନ୍ତ ପ୍ରେମର ସହାକେର ଆମକୁ ସଂସ୍କାର ପ୍ରଦାନ କରୁଥିଲେ ।

ପିତାଶ୍ରୀ କେବଳ ନିଜର ସନ୍ତାନଙ୍କୁ ଭଲ ପାଉ ନଥିଲେ ବରଂ ବନ୍ଧୁ ପରିଜନମାନଙ୍କ ପ୍ରତି ମଧ୍ୟ ପ୍ରେମଭାବ, ସହାନୁଭୂତି ପ୍ରଦର୍ଶନ କୁରଥିଲେ ଏବଂ ସେମାନଙ୍କ ସହିତ ପ୍ରେମମୟ ସଂପର୍କ ରଖିଥିଲେ । ଲୋକମାନଙ୍କ ସହିତ ମଧ୍ୟ ପ୍ରେମମୟ ସଂପର୍କ ରଖିଥିଲେ । ଏହି କାରଣରୁ ଅନେକ ଲୋକମାନେ ତାଙ୍କର ବିୟୋଗରେ ଆସିଥିଲେ ଏବଂ ସେମାନଙ୍କ ସହିତ ଥିବା ସ୍ୱର୍ଗତଙ୍କ ସଂପର୍କ କିପରି ଥିଲା ତାହାର ଚର୍ଚ୍ଚା କରିଥିଲେ। ଆମମାନଙ୍କର ମନରେ ଅଲ୍ଲାଃତାଲା, ତାହାଙ୍କ ବାର୍ତ୍ତାବହ ଏବଂ ହ. ମସିହ୍ ମଉଦ୍ ଅ.ସ ଓ ଖିଲାଫତ୍‌ର ପ୍ରେମ ଏପରି ପ୍ରବିଷ୍ଟ ଏବଂ ଆସନ୍ନିତ କରାଇ ଦେଇଥିଲେ ଯେ, ତାହା ବର୍ତ୍ତମାନ ଆମମାନଙ୍କ ମନରୁ କେବେ ବି ଲିଭି ପାରିବ ନାହିଁ। ସ୍ୱର୍ଗତ ଅବ୍‌ଦୁସ୍ ସଲାମ୍ ଆରିଫ୍ ସାହେବ ଆମମାନଙ୍କୁ ଏହା ମଧ୍ୟ କହିଲେ ଯେ, ନିଜର ସନ୍ତାନମାନଙ୍କୁ ମଧ୍ୟ ଅନୁପ୍ରାଣିତ କରି ଚାଲିଥିଲେ । ତାଙ୍କର ସନ୍ତାନମାନେ କହିଲେ, ଯେତେବେଳେ ମାତାଶ୍ରୀଙ୍କର ବିୟୋଗ ହେଲା ସେତେବେଳେ ସେ ସ୍ୱୟଂ ଧୈର୍ଯ୍ୟ ପ୍ରଦର୍ଶନ କଲେ ଓ ଆମମାନଙ୍କୁ ମଧ୍ୟ ଧୈର୍ଯ୍ୟ ପ୍ରଦର୍ଶନ କରିବା ନିମନ୍ତେ ଅନୁପ୍ରାଣିତ କରୁଥିଲେ ।

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

''ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।'' (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତାଙ୍କର ରାଜା ମୁବାରକ୍ ସାହେବ ନାମକ ଜଣେ ମୁବଲ୍ଲିଗ୍ ବନ୍ଧୁ ତାଙ୍କ ସଂପର୍କରେ କୁହନ୍ତି, ମୁଁ ସ୍ୱର୍ଗତ ଅବ୍‌ଦୁସ୍ ସଲାମ୍ ଆରିଫ୍ ସାହେବଙ୍କ ସହପାଠୀ ଥିଲି । ମୁଁ ନିଜର ଅନେକ ସମୟ ସ୍ୱର୍ଗତ ଅବ୍‌ଦୁସ୍ ସଲାମ ଆରିଫ୍ ସାହେବଙ୍କ ସହିତ ଯାମିଆ ଅହେମଦିୟାରେ ମଧ ଏବଂ ଫିଲ୍‌ଡ୍‌ରେ ମଧ ଅନେକ ସମୟ ଅତିବାହିତ କରିଛି । ସେ ଜଣେ ଦେବଦୂତ ସ୍ୱଭାବର ବ୍ୟକ୍ତି ଥିଲେ। ଉପାସନାରେ ମଧ ସେ ସର୍ବୋଚ୍ଚ ସ୍ଥାନ, ମର୍ଯ୍ୟାଦାରେ ମଧ ସର୍ବୋଚ୍ଚ ଆସନରେ ଆସୀନ ଥିଲେ । ମୁଁ ତାଙ୍କ ଠାରୁ ଅନେକ କିଛି କଥା ଶିଖିଛି । ଅତ୍ୟନ୍ତ ଶାନ୍ତ, ଶିଷ୍ଟ ଭଦ୍ର, ନମ୍ର ଓ ମିଷ୍ଟ ଭାଷା ପ୍ରୟୋଗକାରୀ ବ୍ୟକ୍ତି ଥିଲେ । ପ୍ରମାଣ ତଥା ତର୍କ ଦ୍ୱାରା କଥାବାର୍ତ୍ତା କରୁଥିଲେ । କେବେ କାହା ସହିତି କଳହ କରୁ ନଥିଲେ । ଲୋକମାନେ ତାଙ୍କ ସହିତ ଝଗଡ଼ା କରିନେଉଥିଲେ । କିନ୍ତୁ ସେ ସର୍ବଦା ସ୍ମିତହାସ୍ୟ ପ୍ରକାଶ କରି ସେମାନଙ୍କୁ ସାକ୍ଷାତ୍ କରୁଥିଲେ । ସେ କେବେ ବି କୌଣସି ବ୍ୟକ୍ତିକୁ ତିରସ୍କୃତ କରିବା ପାଇଁ ଉଦ୍ୟମ କରି ନାହାନ୍ତି ଏବଂ ପ୍ରତ୍ୟେକ ବ୍ୟକ୍ତିର ସେ ଯତ୍ନ ନେଇଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ହିଁ ଜଣେ ପ୍ରକୃତ ମୁବଲ୍ଲିଗ୍‌ର ବିଶେଷତା ଅଟେ ।

ସ୍ୱର୍ଗତ ଅବ୍‌ଦୁସ୍ ସଲାମ୍ ଆରିଫ୍ ସାହେବ ଯେଉଁ ଯେଉଁଠି ବି ରହିଲେ ଶତାଧିକ ସଦସ୍ୟଙ୍କ ମଧରେ ଖିଲାଫତ୍ ସହିତ ପ୍ରେମ ଠୁଳ କରି ଭର୍ତ୍ତି କରିଦେଲେ । ଏତେ ଗହ୍ୱରତାକୁ ଯାଇ ସେ ସଂସ୍କାର କଲେ ଯେ, ସେ ଯେଉଁ ଯେଉଁଠି ରହିଥିଲେ ସେଠାକାର ଲୋକମାନେ ତାଙ୍କ ବିୟୋଗର ଆସି ତାଙ୍କର ଉତ୍ତମ ଚର୍ଚ୍ଚା କରି ଏବଂ ଚିତ୍କାର କରି କାନ୍ଦି କହୁଥିଲେ ଯେ, ଆଜି ଆମର ଜମାଅତ୍ ଅନାଥ ହୋଇଗଲା। ସେ ସ୍ୱୟଂ ଅନେକ ମାଇଲ୍ ରାସ୍ତା ପାଦରେ ଯାତ୍ରା କରୁଥିଲେ । ପାଞ୍ଚ ଦଶ କି.ମି ପାଦରେ ଯାତ୍ରା କରୁଥିଲେ ଏବଂ ତାଙ୍କୁ ଯେତେବେଳେ କୁହାଯାଉଥିଲା ଯେ, ମୌଲବୀ ସାହେବ ! ଜମାମାଅତ୍ ତ' ଆପଣଙ୍କୁ ଏତେ ସୁବିଧା ସୋଯୋଗ ଦେଇଛି, ଆପଣ ଅଟୋ ଭଡ଼ା ନେଇନେଉ ନାହିନ୍ତି । ପ୍ରତ୍ୟୁତ୍ତରରେ  ସେ କହୁଥିଲେ ମୁଁ ଜମାଅତ୍‌ର ପଇସା ସଞ୍ଚୟ କରୁଛି । ଏଥିରେ ତୁମମାନଙ୍କୁ କାହିଁକି କଷ୍ଟ ହେଉଛି?  ସେ ପାଦରେ ଗସ୍ତ କରୁଥିଲେ, ମାଇଲ୍ ମାଇଲ୍ ରାସ୍ତା ଗସ୍ତ କରୁଥିଲେ । ଅଲ୍ଲାଃତାଲା ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ଏପରି ବିଶ୍ୱସ୍ତ ଓ ପରିଶ୍ରମୀ ମୁବଲ୍ଲିଗ୍ ସିଲ୍‌ସିଲା ଅଲ୍ଲାଃତାଲା ଜମାଅତ୍‌କୁ ସର୍ବଦା ପ୍ରଦାନ କରୁଥାଆନ୍ତୁ । ଅଲ୍ଲାଃତାଲା ତାଙ୍କର ସନ୍ତାନ ସନ୍ତତିଙ୍କୁ ପିତାଶ୍ରୀଙ୍କ ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହୁଜୁରୁ ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ ଚର୍ଚ୍ଚା ହେଉଛି ମୁହମ୍ମଦ କାସିମ୍ ଖାନ୍ ସାହେବଙ୍କର । ସେ ଆଜିକାଲି କାନାଡ଼ାରେ ରହୁଥିଲେ । ସେ ପୂର୍ବତନ ନାଏବ୍ ନାଜିର୍ ବୈତୁଲ୍ ମାଲ୍ ଖର୍ଚ୍ଚ ଥିଲେ । ସେ ଅବସର ଗ୍ରହଣ କରିଥିଲେ । ୪3 ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଥିଲା । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ମୁହମ୍ମଦ୍ କାସିମ୍ ସାହେବ ଜର୍ ଅହେମଦ ଖାନ୍ ସାହେବଙ୍କର ସୁପୁତ୍ର ଏବଂ କାଜି ମୁହମ୍ମଦ୍ ନଜୀର୍ ଲାଏଲ୍‌ପୁରୀ ସାହେବଙ୍କ ଜ୍ୱାଇଁ ଥିଲେ । ତାଙ୍କର ସୁପୁତ୍ର ମୁହମ୍ମଦ୍ ଖାଲିଦ୍ ଖାନ୍ ସାହେବ କୁହନ୍ତି, ତାଙ୍କୁ ଖିଲାଫତ୍‌ର ଚାରି କାଳ ଅର୍ଥାତ୍ ଚାରିଜଣ ଖଲିଫାଙ୍କୁ ଦେଖିବାର ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ଖିଲାଫତେ ସାଲିସା (ତୃତୀୟ ଖଲିଫା)ଙ୍କ କାଳରେ ତାଙ୍କୁ ପ୍ରାଇଭେଟ୍ ସେକ୍ରାଟାରୀ (ବ୍ୟକ୍ତିଗତ ସଚିବ)ର କାର୍ଯ୍ୟାଳୟରେ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ମୁଜାହିଦ୍ ଫୋର୍ସରେ ଦେଶର କ୍ୟାପଟେନ୍ (ଅଧିନାୟକ) ଓ ଜମାଅତ୍‌ର ସେବା କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ଯୁଦ୍ଧ ଦିନମାନଙ୍କରେ ଫୁର୍କାନ ଫୋର୍ସ ମଧ ତିଆରି ହୋଇଥିଲା। ସେଠାରେ ମଧ ସେ ଥିଲେ । ପାଞ୍ଚବେଳା ନମାଜ, ନିୟମିତ ତିଲାୱତ୍ କୁରଆନ୍ କରୀମ୍ ପାଠର ବ୍ୟବସ୍ଥା କରିଥିଲେ । ସନ୍ତାନଙ୍କୁ ମଧ ଏଥି ନିମନ୍ତେ ଉତ୍ସାହିତ କରୁଥିଲେ । ସରଳତା, ବିଶ୍ୱସ୍ତତାର ସର୍ବୋଚ୍ଚ ଆଦର୍ଶ ଏବଂ ଉଦାହରଣ ଥିଲେ । ସନ୍ତାନମାନଙ୍କୁ ମଧ ଖିଲଫାତ୍ ସହିତ ସଂପର୍କ ରଖିବା ନିମନ୍ତେ ତାଗିଦ୍ କରୁଥିଲେ। ଖିଲାଫତ୍ ନିମନ୍ତେ ଏକ ଫୁଙ୍ଗୁଳା ଖଡ୍‌ଗ ଥିଲେ । ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିଙ୍କୁ ମଧ ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହୁଜୁରୁ ଅନ୍‌ୱର୍ ଅ.ବ କହିଲେ, ସେହିପରି ତୃତୀୟ ଯନାଜାଃ ଏବଂ ବିଗତ ଦିନରେ ଆମ ଜମାଅତ୍‌ର ଅବ୍‌ଦୁଲ୍ କରୀମ୍ କୁଦସୀ ସାହେବ ନାମକ ଜଣେ ବିଖ୍ୟାତ କବିଙ୍କର ବିୟୋଗ ହୋଇଥିଲା । إِنَّا لِلّٰهِ وَإِنَّا إِلَيْهِ رَاجِعُونَ । ସ୍ୱର୍ଗତ ଅବ୍‌ଦୁଲ୍ କରୀମ୍ କୁଦ୍‌ସୀ ସାହେବଙ୍କ ବଂଶରେ ଅହେମଦିୟତ୍ ତାଙ୍କର ପିତା ମିଆଁ ଅଲ୍ଲାଃଦତ୍ତା ସାହେବଙ୍କ ମାଧମରେ ଆସିଥିଲା । ସେ 1934 ମସିହାରେ  ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ହସ୍ତରେ ବୈଅତ୍ କରିଥିଲେ । ପୁନଶ୍ଚ ଅହେମଦି ହେବା ପରେ ସମଗ୍ର ଜୀବନ ୱାକ୍‌ଫେ ଜିନ୍ଦିଗୀ ରୂପେ ଅତିବାହିତ କରିଥିଲେ । ସର୍ବଦା ତବ୍‌ଲଗି କରୁଥିଲେ । ଅନେକ ବଂଶକୁ ସେ ଅହେମଦି କରିଥିଲେ ଏବଂ ସମଗ୍ର ଜୀବନ ୱକ୍‌ଫ୍‌ର ଆତ୍ମା ସହିତ ଜମାଅତ୍‌ର ସେବା କରିଥିଲେ ।

ତାଙ୍କର ପତ୍ନୀ ବୁଶ୍ରୀ କରୀମ୍ ସାହେବା ଯାହାଙ୍କର ନିକାହ୍ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ପାଠ କରାଇଥିଲେ । ସ୍ୱର୍ଗତ ଅବ୍‌ଦୁଲ୍ କରୀମ୍ ସାହେବ କୁଦ୍‌ସୀଙ୍କର 4 ଜଣ ସନ୍ତାନ ଅଛନ୍ତି । ଗୋଟିଏ ସନ୍ତାନ ଅବ୍‌ଦୁଲ୍ କବୀର ସାହେବ ଯେକି ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି । ସେ ଆଜିକାଲି ଯାମିଆ ଅହେମଦିୟା ରବ୍‌ୱାର ଶିକ୍ଷକ ରୂପେ ଅଧାପନା ଦେଉଛନ୍ତି । ସ୍ୱୟଂ ସ୍ୱର୍ଗତ କୁଦ୍‌ସୀ ସାହେବ ମଧ ଜମାଅତ୍‌ର ସେବା କରୁଥିଲେ । 30 ବର୍ଷ ପର୍ଯ୍ୟନ୍ତ ଜମାଅତ୍ ଅହେମଦିୟା ରିଚ୍‌ନା ଟାଉନ୍, ଜିଲ୍ଲା ଲାହୋର୍‌ର ସେକ୍ରେଟାରୀ ମାଲ୍ ରହିଥିଲେ ।

ଏତଦ୍‌ଭିନ୍ନ ବିଭିନ୍ନ ବିଭାଗରେ ସେ କାମ କରିଛନ୍ତି । ତାଙ୍କର କବିତ୍ୱତା ଖୁବ୍ ସୁନ୍ଦର ଥିଲା । ଅନେକ କବିଗଣ କହୁଥିଲେ  ଯେ, ସେ ଜଣେ ଉତ୍ତମ କବି ଥିଲେ। ତାଙ୍କର ଏକ କାବ୍ୟ ସମଷ୍ଟି ମଧ ରହିଛି । ତାହା ପ୍ରକାଶିତ  ହୋଇ ସାରିଛି । ତାଙ୍କର ଯେଉଁ ଅସାଧାରଣ କାର୍ଯ୍ୟ ରହିଥିଲା ତାହା ଥିଲା କସିଦା يَا عَيْنَ فَيْضِ اللّٰهِ وَالْعِرْفَانِ କବିତାକୁ ସେ ଉର୍ଦ୍ଦୁ ଓ ପଞ୍ଜାବୀ ଭାଷାରେ ଅନୁବାଦ କରିଥିଲେ । ଏତଦ୍‌ଭିନ୍ନ ଦୁର୍‌ରେ ସମିନ୍‌ର 1300ର କବିତାକୁ ସେ ପଞ୍ଜାବୀ ଭାଷାରେ ଅନୁବାଦ ମଧ କରିଥିଲେ । ଏକ ସମୟରେ ସେ ପାଗଳ କବି ଥିଲେ ଯେ, ଜମାଅତ୍ ଠାରୁ ଟିକିଏ ମୁକ୍ତ ହୋଇ ସ୍ୱୟଂ କବିତା ଲେଖିବା ଉଚିତ୍ ବୋଲି ସେ ଅନୁପ୍ରାଣିତ ହୋଇଥିଲେ । ସେ କହିଲେ, ମୁଁ 1968 ମସିହାରେ ନିଜର ଗ୍ରାମ କର୍ତ୍ତୁପଣ୍ଡୁରୀରୁ ଲାହୋର୍‌କୁ ଚାକିରୀ କରିବା ପାଇଁ ଆସିଲି ଏବଂ ଏଠାକୁ ଆସି ମୋତେ ସେକୁଲାର୍ (ନିରପେକ୍ଷ) ଚିନ୍ତାଧାରାକୁ ପ୍ରସାରିତ କରିବାର ସୁଯୋଗ ପ୍ରାପ୍ତ ହେବାକୁ ଲାଗିଲା । ସେ ନମାଜ ପାଠ କରୁଥିଲେ। କେତେବେଳ ସେ ମସଜିଦ୍ ଯାଉଥିଲେ ତ' ଆଉ କେତେବେଳେ ସେ ମସ୍‌ଜିଦ୍ ଯାଉ ନଥିଲେ । କାରଣ ମସ୍‌ଜିଦ୍ ଦୂରରେ ଥିଲା । କେତେବେଳେ ନମାଜ ଜୁମା ପାଠ କରି ନେଉଥିଲେ ତ' ଆଉ କେତେବେଳେ ନମାଜ ଜୁମା ପାଠ କରୁ ନଥିଲେ ।

ସେ କୁହନ୍ତି, ଏକଦା ଜୁମା ଦିନ ତାଙ୍କର ଏକ ବନ୍ଧୁ ତାଙ୍କୁ ନିଜ ଘରକୁ ନିମନ୍ତ୍ରଣ କରିଥିଲା । ଅହେମଦିୟା ମସ୍‌ଜିଦକୁ ଲାଗିକି ଅନ୍ୟ ଏକ ମସ୍‌ଜିଦ୍ ଥିଲା । ସେହି ମସ୍‌ଜିଦ୍ ଅଣଅହେମଦିମାନଙ୍କର ଥିଲା । ସେ ସେଠାକୁ ନମାଜ ଜୁମା ପାଠ କରିବାକୁ ଚାଲିଗଲେ । ସେ ମୌଲବୀର ଅବସ୍ଥା ଯାହା ଶୁଣାଇଲେ ତାହା ଆଜି ମଧ ଏହିପରି ଅଛି । ମୌଲବୀ ନିଜର ଅଧା ଖୁତ୍‌ବା ଶେଜାନ୍ ବିରୁଦ୍ଧରେ ଦେଲା। ଶେଜାନ୍ ଅହେମଦିମାନଙ୍କର ପାନୀୟ ଦ୍ରବ୍ୟ ପଦାର୍ଥ ଅଟେ । ଏହି ପାନୀୟ ଅହେମଦିୟା କାରଖାନାମାନଙ୍କର ଉତ୍ପାଦିତ ହୋଇଥାଏ । ସେ ଯାହା ହେଉ ଅନ୍ୟ କଥାମାନଙ୍କ ମଧରେ ଏହି କଥା ମଧ ମୌଲବା କହିଲା କି ଅହେମଦିମାନେ ଉକ୍ତ ପାନୀୟ ଦ୍ରବ୍ୟରେ ରବ୍‌ୱାର ଧୂଳି ମିଶ୍ରଣ କରୁଛନ୍ତି । ତେଣୁ ଏହାକୁ ଆଦୌ ପିଇବା ଉଚିତ୍ ନୁହଁ । ସେ କୁହନ୍ତି, ମୁଁ ଉକ୍ତ ଖୁତ୍‌ବା ଶୁଣିନେଲି । କିନ୍ତୁ ନମାଜ ପାଠ ନକରି ମୁଁ ପଳାଇ ଆସିଲି । ବନ୍ଧୁ କହିବାକୁ ଲାଗିଲା । କ'ଣ ହେଲା ତୁ ପଳେଇ ଆସିଲୁ ? ମୁଁ କହିଲି ତୁମେ ମୌଲବୀର ବାଯ୍ୟ କଥା ଶୁଣିଲ ନାହିଁ । ସେହି ବନ୍ଧୁ ଜଣକ କହିବାକୁ ଲାଗିଲା, ଆରେ ଛାଡ଼ ସେ କଥା ଏହି ମୌଲବୀମାନେ ଏହିପରି କଥା କହିଥାଆନ୍ତି। ସେମାନଙ୍କର କାମ ଆଉ କ'ଣ କି ?

ସେ ଯାହା ହେଉ ଅବ୍‌ଦୁଲ୍ କରୀମ୍ କୁଦ୍‌ସୀ ସାହେବ କୁହନ୍ତି, ମୁଁ ଆହାର ଖାଇବା ପରେ ବାହାରକୁ ଯେତେବେଳେ ବାହାରିଲି ସେତେବେଳେ ଏକ ଦୋକାନକୁ ଲକ୍ଷ୍ୟ କଲି ସେତେବେଳେ ମୁଁ ଏହା ଦେଖିବାକୁ ପାଇଲି ଯେ, ମୌଲବୀ ସାହେବ୍ ଛିଡ଼ା ହୋଇ ଶେଜାନ୍ ପାନ କରୁଛନ୍ତି । ମୁଁ  ଆଉ ସହ୍ୟ କରିପାରିଲି ନାହିଁ । ମୁଁ ସେହି ମୌଲବୀ ସାହେବଙ୍କୁ ପଚାରିଲି, ମୌଲବୀ ସାହେବ ! ଆପଣ ତ' କିଛି ସମୟ ପୂର୍ବେ  ନିଜ ଖୁତ୍‌ବାରେ ଅହେମଦିମାନଙ୍କ ଦ୍ୱାରା ପ୍ରସ୍ତୁତ ଶେଜାନ ନାମକ ପାନୀୟ ପଦାର୍ଥ ନପିଇବାକୁ ଲୋକମାନଙ୍କୁ କହୁଥିଲେ । ଶେଜାନ୍ ପାନୀୟ ବିରୁଦ୍ଧରେ ଖୁତ୍‌ବା ଦେଉଥିଲେ । ଆଉ ଆପଣ ନିଜେ ଉକ୍ତ ପୀନୀୟକୁ ପାନ କରୁଛନ୍ତି ? ସେହି ମୌଲବୀ ଜଣକ କହିଲା, ଡାକ୍ତର ମୋତେ କହିଛି, ସ୍କ୍ରିନ୍ ଜାତୀୟ ପାନୀୟ ପଦାର୍ଥ କରିବ ନାହିଁ। ଶେଜାନ୍ ପିଇବାକୁ ପରାମର୍ଶ ଦେଇଛି । ଏହା ବିଶୁଦ୍ଧ ହୋଇଥାଏ। ସେଇଥିପାଇଁ ମୁଁ ଔଷଧ ମନେକରି ଏହାକୁ ପାନ କରିଥାଏ । ତେବେ ମୁଁ (କୁଦ୍‌ସୀ ସାହେବ)କହିଲି, ମୌଲବୀ ସାହେବ ! ଉକ୍ତ ପାନୀୟରେ ରବ୍‌ୱାର ମାଟି ମିଶ୍ରିତଥିବାର ଆପଣ ଯେଉଁ କଥା କହିଛନ୍ତି ତା'ର ପୁଣି କ'ଣ ହେଲା ?

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

## ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଡିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

ମୌଲବୀ ଅଟ୍ଟହାସ୍ୟ ପ୍ରକାଶ କରି କହିବାକୁ ଲାଗିଲା, ମହୋଦୟ ଆପଣ ଆଉ ଏତେ ତଡ଼କା ଲଗାନ୍ତୁ ନାହିଁ (ଅର୍ଥାତ୍ ଆଉ ଏତେ ପ୍ରଶ୍ନ କରନ୍ତୁ ନାହିଁ) ଆମମାନଙ୍କର ଦୋକାନ ଚଳିବ କିପରି ? ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦୋକାନ ଚଳେଇବାର ଦୋଷାରୋପଣ ଆମମାନଙ୍କ ଉପରେ ପ୍ରୟୋଗ କରାଯାଏ । କିନ୍ତୁ ଏହି ମୌଲବୀମାନେ ନିଜେ ନିଜର ଦୋକାନ ଚଳାଉଛନ୍ତି । ସେ ଯାହା ହେଉ କୁଦ୍‌ସୀ ସାହବଙ୍କ ଏପରି ଅନେକ ଘଟଣାବଳୀ ରହିଛି । ଆପଣ ଖିଲାଫତ୍‌କୁ ବହୁତ ଭଲ ପାଉଥିଲେ । ଖିଲାଫତ୍ ସହିତ ଆନ୍ତରୀକତାପୂର୍ଣ୍ଣ ସଂପର୍କ ରହିଥିଲା। ପୁନଶ୍ଚ ନିଜର ସନ୍ତାନ ସନ୍ତତିଙ୍କ ମଧ୍ୟରେ ଉକ୍ତ ସଂପର୍କକୁ ସ୍ଥାନାନ୍ତରିତ କରିବାକୁ ସେ ପ୍ରୟାସ କରିଥିଲେ । ଯେପରିକି ମୁଁ କହିଲି ସ୍ୱର୍ଗତ ଅବ୍‌ଦୁଲ କରୀମ୍ କୁଦ୍‌ସୀ ସାହେବ ଜମାଅତ୍‌ର ଜଣେ ପ୍ରଖ୍ୟାତ କବି ଥିଲେ । ଏହି କଥାକୁ ସେ ସମ୍ମାନସ୍ପଦ ବୋଲି ମନେକରୁଥିଲେ । ଜମାଅତ୍‌ର କବିତା ଚକ୍ର ଏବଂ କବିତା ଆସରରେ ମଧ୍ୟ ସେ କବିତା ପାଠ କରୁଥିଲେ । ଜମାଅତ୍ ସଂପର୍କରେ ତାଙ୍କୁ ଅସଂଖ୍ୟ କବିତା ଲେଖିବାକୁ ସୁଯୋଗ ପ୍ରାପ୍ତ ହେଲା । ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପରବର୍ତ୍ତୀ ମୃତକ ହେଉଛନ୍ତି ସ୍ୱର୍ଗତ ରଫିକ୍ ଅହେମଦ ଗୋନ୍ଦଲ୍ ସାହେବ । ତାଙ୍କର ମଧ୍ୟ ବିଗତ ଦିନରେ ୫1 ବର୍ଷ ବୟସରେ ବିୟୋଗ ହୋଇଥିଲା । اِنَّا لِلّٰہِ وَاِنَّا اِلَیْہِ رَاجِعُوْن । ଅଲ୍ଲାଃତାଲାଙ୍କ କୃପାରୁ ରଫିକ୍ ସାହେବ ଓସିୟତ୍ କରିଥିଲେ । ତାଙ୍କ ବଂଶରେ ଅହେମିଦୟତ୍ ତାଙ୍କର ଦଦା ହ. ମିଆଁ ବଖ୍‌ଶ୍ ସାହେବ ଗୋନ୍ଦଲ୍ ଅଫ୍ କୋଟ୍ ମୋମିନ୍‌ଙ୍କ ମାଧ୍ୟମରେ ହେଲା । ନିଜର ବଂଶରେ ସେ ଏକୁଟିଆ ଅହେମଦି ଥିଲେ । ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ଯେତେବେଳେ ପ୍ଲେଗ୍ ରୋଗ ବ୍ୟାପୀଥିଲା ସେତେବେଳେ ତାଙ୍କୁ ମଧ୍ୟ ପ୍ଲେଗ୍‌ର ଗିଲ୍ଟି (ବଥ) ଶରୀରରେ ବାହାରି ଆସିଥିଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ନିଦର୍ଶନର ଚର୍ଚ୍ଚା ହେଉଅଛି । ଏଠାରେ ତାଙ୍କର ଉକ୍ତ ଘଟଣା ମଧ୍ୟ ଏକ ନିଦର୍ଶନ ଅଟେ । ସେ ଏହାର ଚିକିତ୍ସା କରିବା ନିମନ୍ତେ ଭୈରାହ୍ ଯାଇଥିଲେ ।

ଭୈରାହରେ ସେ ହ. ମସିହ୍ ମଉଦ୍ ଅ.ସଙ୍କ ଏହା ବାକ୍ୟଟି ପଢିଲେ ଯେ, ଯିଏ ମୋର ଚାରି କାନ୍ଥ ମଧ୍ୟରେ ପ୍ରବିଷ୍ଟ ହୋଇଯିବ ତା'କୁ ଉକ୍ତ ରୋଗରୁ ରକ୍ଷା କରାଯିବ। ସେ ଘରକୁ ଫେରି ଆସିଲେ ଏବଂ କହିଲେ ଯେ, ମୁଁ କାଦିଆନ୍ ଯାଉଅଛି। ସୁତରାଂ ସେ ଯେତେବେଳେ କାଦିଆନ୍‌ରେ ପହଞ୍ଚିଲେ ସେତେବେଳେ ମସ୍‌ଜିଦ୍ ମୁବାରକ୍‌ରେ ହ. ମସିହ୍ ମଉଦ୍ ଅ.ସ ବସିଥିଲେ ଏବଂ କିଛି ଲେଖାଲେଖି କରୁଥିଲେ । ସେ କିଛି କହିବା ପାଇଁ ଇଚ୍ଛା ପ୍ରକାଶ କଲେ । କିନ୍ତୁ ହ. ମସିହ୍ ମଉଦ୍ ଅ.ସଙ୍କ କାର୍ଯ୍ୟବ୍ୟସ୍ତତା ଯୋଗୁଁ କିଛି କହି ପାରିଲେ ନାହିଁ । ସେ ଯାହା ହେଉ ହ. ମସିହ୍ ମଉଦ୍ ଅ.ସ ଯେତେବେଳେ ନିଜର ଲେଖନୀ କାର୍ଯ୍ୟ ସମାପ୍ତ କରିଦେଲେ ସେତେବେଳେ ସେ ହ. ମସିହ୍ ମଉଦ୍ ଅ.ସଙ୍କୁ ନିଜର ପରିଚୟ ପ୍ରଦାନ କରାଲେ ଏବଂ କହିଲେ, ହୁଜୁର! ମୁଁ ଆପଣଙ୍କର ପ୍ଲେଗ୍ ରୋଗ ସଂପର୍କିତ ଯେଉଁ ଇସ୍ତହାର ଥିଲା ଅର୍ଥାତ୍ **"ଯେଉଁ ବ୍ୟକ୍ତି ମୋର ଚାରି କାନ୍ଥ ମଧ୍ୟରେ ପ୍ରବିଷ୍ଟ ହୋଇଯିବ ସେହି ବ୍ୟକ୍ତି ସମସ୍ତ ରୋଗରୁ ସୁରକ୍ଷିତ ରହିବ ଓ ପ୍ରଭୁ ତା'କୁ ରୋଗରୁ ରକ୍ଷା କରିବେ ।"** ଉକ୍ତ କଥାକୁ ଶୁଣି ମୁଁ ଆପଣ ଅ.ସଙ୍କୁ ସାକ୍ଷାତ୍ କରିବା ନିମନ୍ତେ ଚାଲି ଆସିଛି ।

ସେ ଯାହା ହେଉ ସେଠାରେ ସେ ଆପଣ ଅ.ସଙ୍କ ସହିତ କଥାବାର୍ତ୍ତା କଲେ ଏବଂ ଆପଣ ଅ.ସଙ୍କ ହସ୍ତରେ ବୈଅତ୍ କରିନେଲେ । ବୈଅତ୍ କରିବା ପରେ ତାଙ୍କର ଗିଲ୍ଟିଗୁଡ଼ିକ (ବଥ) ଠିକ୍ ହୋଇଗାଲ । ସେ ସୁସ୍ଥ ହୋଇଗଲେ । ସୁତରାଂ ସେ ଉକ୍ତ କଥାକୁ ହ. ମସିହ୍ ମଉଦ୍ ଅ.ସଙ୍କର ସତ୍ୟତାର ନିଦର୍ଶନ ବୋଲି ମନେକରୁଥିଲେ ଏବଂ ଏହାକୁ ସେ ବର୍ଣ୍ଣନା ମଧ୍ୟ କରୁଥିଲେ । ସ୍ୱୟଂ ମିଆଁ ରଫିକ୍ ଅହେମଦ ଗୋନ୍ଦଲ୍ ସାହେବ ଓ ତାଙ୍କର ପୁତ୍ରଙ୍କ ଏକଦା ଛାତ୍ରମାନେ ଲାହୋର ଠାରେ ଧରି ପକାଇଲେ ଏବଂ ବହୁତ ମାଡ଼ ମାରିଲେ । ଯେତେବେଳେ ଛାତ୍ରମାନେ ତଙ୍କର ପୁତ୍ରଙ୍କୁ ମାଡ଼ ମାରୁଥିଲେ ସେତେବେଳେ ରଫିକ୍ ସାହେବ ଘରୁ ବାହାରକୁ ବାହାରିଲେ ଏବଂ ତା'କୁ ବଞ୍ଚାଇବାକୁ ଚେଷ୍ଟା କଲେ । ତେବେ ସେ ସ୍ୱୟଂ ମଧ୍ୟ ଆହତ ହେଲେ ଏବଂ ତାଙ୍କର ଗୋଟିଏ ହାତ ଉକ୍ତ ଗଣ୍ଡଗୋଳରେ ଭାଙ୍ଗିଗଲା ।

ସେ ଯାହା ହେଉ ଜମାଅତ୍ ସକାଶେ ସେ ମାଡ଼ ମଧ୍ୟ ଖାଇଥିଲେ । ରଫିକ୍ ସାହେବ ମଲକ୍ ଉମର୍ ଅଲୀ ଖୋଖର୍ ସାହେବଙ୍କ ଜ୍ୱାଇଁ ଥିଲେ ଏବଂ ମଲକ୍ ଉମର୍ ଅଲୀ ସାହେଙ୍କ ପ୍ରଥମ ପତ୍ନୀ ହ. ମୀର୍ ମୁହମ୍ମଦ ଇସ୍‌ହାକ୍ ସାହେବଙ୍କ ସୁପୁତ୍ରୀ ଥିଲେ।  ସେହି ହିସାବରେ ତାଙ୍କର ପତ୍ନୀ ଅର୍ଥାତ୍ ରଫିକ୍ ସାହେବଙ୍କ ପତ୍ନୀ ମୀର୍ ମୁହମ୍ମଦ୍ ଇସହାକ୍ ସାହେବଙ୍କ ନାତୁଣୀ ଥିଲେ । ସ୍ୱର୍ଗତ ରଫିକ୍ ଅହେମଦ ସାହେବଙ୍କର ସନ୍ତାନମାନଙ୍କ ମଧ୍ୟରେ ଗୋଟିଏ ପୁତ୍ର ସନ୍ତାନ ଏବଂ  ଦୁଇଟି କନ୍ୟା ସନ୍ତାନ ରହିଛନ୍ତି। ପୁତ୍ର ଏବଂ କନ୍ୟାମାନେ ଆମେରାକିରେ ବାସ କରନ୍ତି । ତାଙ୍କର ଗୋଟିଏ ପୁତ୍ରୀ ରିଫଅତ୍ ସୁଲ୍‌ତାନା ସାହେବା ଡାକ୍ତର ମଶ୍‌ହୁଦ୍ ଅହେମଦ ସାହେବ ଅଟନ୍ତି । ସେ ରବ୍‌ୱା ସ୍ଥିତ ଫଜ୍‌ଲେ ଉମର୍ ହସ୍ପିଟାଲ୍‌ରେ କାର୍ଯ୍ୟରତ ଅଟନ୍ତି । ରିଫଅତ୍ ସାହେବା ମଶ୍‌ହୁଦ୍ ସାହେବାଙ୍କର ପତ୍ନି ଅଟନ୍ତି ।

ସ୍ୱର୍ଗତ ରଫିକ୍ ସାହେବଙ୍କର ପତ୍ନି ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ସ୍ୱାମୀ ନମାଜ ଏବଂ ତେହଜ୍ଜୁଦ୍ ନମାଜ୍‌ର ନିୟମାନୁବର୍ତ୍ତୀ ଥିଲେ । ଦରିଦ୍ରମାନଙ୍କର ସେବା ଯତ୍ନ କରୁଥିଲେ । ହୁଜୁର ଅନୱର୍ ଅ.ବ କହିଲେ, ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ତାଙ୍କର ସନ୍ତାନ ସନ୍ତତିଙ୍କୁ ସ୍ୱର୍ଗତଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶେଷ ମୃତକା ହେଲେ ଆମେରିକାର ସ୍ୱର୍ଗତା ନସିମା ଲଇକ୍ ସାହେବା । ସ୍ୱର୍ଗତା ମଡ଼େଲ୍ ଟାଉନ୍ ଲାହୋର୍‌ର ସୟେଦ୍ ଲଇକ୍ ଅହେମଦ ସାହେବ ଶହୀଦ୍‌ଙ୍କ ପତ୍ନି ଥିଲେ । ବିଗତ ଦିନରେ ସ୍ୱର୍ଗତାଙ୍କ ମଧ୍ୟ ବିୟୋଗ ହୋଇଯାଇଛି । اِنَّا لِلّٰہِ وَاِنَّا اِلَیْہِ رَاجِعُوْن । ସ୍ୱର୍ଗତା ନସିବା ଲଇକ୍ ସାହେବା ଭାରତର ବିହାର ପ୍ରଦେଶ ଅନ୍ତର୍ଗତ ଭାଗଲ୍‌ପୁର ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । ସ୍ୱର୍ଗତାଙ୍କ ପିତାଶ୍ରୀ ଅବୁଲ୍ ହସନ୍ ସାହେବ ଅହେମଦି ନଥିଲେ ଏବଂ ମାତାଶ୍ରୀ ଅମତୁଲ୍ ୱରା ସାହେବା ସ୍ୱୟଂ ବୈଅତ୍ କରି ଅହେମଦିୟତ୍‌ରେ ସାମିଲ୍ ହୋଇଥିଲେ । ସେହି କାଳରେ ଅନ୍ତତଃ ସ୍ୱାମୀମାନେ ଏତ ଶିଷ୍ଟ ଏବଂ ଭଦ୍ର ଥିଲେ ଯେ, ସେମାନଙ୍କର ପତ୍ନି ଯଦି ବୈଅତ୍ କରିନେଉଥିଲେ ତେବେ ସେ ପରିପ୍ରେକ୍ଷୀରେ ସେମାନେ ନିଜର ପତ୍ନି ଉପରେ ଚାପ ପକାଉ ନଥିଲେ ଯେ, ସେ  (ପତ୍ନି) କାହିଁକି ଅହେମଦି ହୋଇଗଲା ? ସେ ଯାହା ହେଉ ମାତାଶ୍ରୀ ଅହେମଦି ହେଲେ ଏବଂ ତାଙ୍କ ମାତାଶ୍ରୀଙ୍କ ଦୃଢବିଶ୍ୱାସ ଏବଂ ଖିଲାଫତ୍ ସହିତ ଦୃଢ ସଂପର୍କ ଯୋଗୁଁ ଝିଅମାନଙ୍କର ବିବାହ ମଧ୍ୟ ସେ ଅହେମଦି ପରିବାର ତଥା ଅହେମଦି ସମୁଦାୟରେ କଲେ । ଏହି ସମସ୍ତ ଭଉଣୀ ଅହେମଦି ଅଟନ୍ତି ।

ଶ୍ରମତୀ ସ୍ୱର୍ଗତା ନସିମା ସାହେବଙ୍କ ସୁପୁତ୍ରୀ  ହମିର୍ ସାହେବ ଆମେରିକାରେ ବାସ୍ କରନ୍ତି । ସେ କୁହନ୍ତି, ମାତାଶ୍ରୀ ଖିଲାଫତ୍ ଓ ଜମାଅତ୍ ସହିତ ପୂର୍ଣ୍ଣ ରୂପେ ସଂଶ୍ଲୀଷ୍ଟ ରହିଲେ । ନିଜ ଜୀବନକୁ ସେ ଧର୍ମ ସେବା ପାଇଁ ଉତ୍ସର୍ଗ କରି ଦେଇଥିଲେ। ଜମାଅତ୍‌ର ପ୍ରକୃତ ଉତ୍ସାହ, ପ୍ରେମ ଓ ମାନବିକତାର ସେ ପ୍ରତିଛବି ଅଙ୍କନ କରିଥିଲେ। ତାଙ୍କର ହୃଦୟ ସହାନୁଭୂତି ଦ୍ୱାରା ପରିପୂର୍ଣ୍ଣ ଥିଲା । ବିଶେଷ କରି ଅସହାୟ ଲୋକମାନଙ୍କ ନିମନ୍ତେ ଏବଂ ନିଜର ଆଖାପାଖରେ ଉପସ୍ଥିତ ଥିବା ଲୋକମାନଙ୍କ ଜୀବନ ଉପରେ ସକାରାତ୍ମକ ପ୍ରଭାବ ପକାଇବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ।

ନୁଜ୍‌ହତ୍ ସାହେବାଙ୍କ ସୁପୁତ୍ରୀ ଅଟନ୍ତି । ସେ ଏଠାରେ ୱାସ୍ୱାଲ୍ ୟୁ.କେରେ ରୁହନ୍ତି । ସେ କୁହନ୍ତି, ସେ ଜଣେ ନୈଷ୍ଠିକା, ଖିଲାଫତ୍‌ର ବିଶ୍ୱସ୍ତତା, ନିଜାମେ ଜମାଅତର ନିୟମାନୁବର୍ତ୍ତୀ ଥିଲେ । ଅତ୍ୟନ୍ତ ନିର୍ଭୀକ ମହିଳା ଥିଲେ । ସେ ସର୍ବଦା ସତ୍ୟ କଥା କହୁଥିଲେ  ଏବଂ ସତ କହିବାରୁ କେବେ ବି ପଛ ଘୁଞ୍ଚା ଦେଉ ନଥିଲେ। କୁପ୍ରଥା ଏବଂ ବିଦ୍‌ଆତ୍ (ନୂତନ ଆହୃତ୍ ରୀତି)କୁ ସେ ବେଶ୍ ଘୃଣା କରୁଥିଲେ ଓ ନିଜର ସନ୍ତାନମାନଙ୍କୁ ମଧ୍ୟ ଏ ସମ୍ବନ୍ଧରେ ସର୍ବଦା ଅନୁପ୍ରାଣିତ କରୁଥିଲେ । ସେ କହୁଥିଲେ ଯେ, ଜଣେ ଅହେମଦି ମୁସଲମାନମାନଙ୍କୁ ପ୍ରତ୍ୟେକ ପ୍ରକାରର ନିରର୍ଥକ ଓ ବାଯ୍ୟ କଥାରୁ ନିବୃତ୍ତ ରହିବା ଉଚିତ୍ । ଅଲ୍ଲାଃତାଲାଙ୍କ କୃପାରୁ ସେ ଓସିୟତ୍ କରିଥିଲେ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ  ଚାରି ଜଣ ପୁତ୍ର ଏବଂ ଚାରି ଜଣ କନ୍ୟା ସନ୍ତାନ ଅଛନ୍ତି । ତାଙ୍କର ଏକ ପୁତ୍ର ଆମେରିକାରେ ଡାତକାତ୍ର ଅଟନ୍ତି। ସେ ଆମମାନଙ୍କର ଗସ୍ତ ସମୟରେ ତାଙ୍କ ସହିତ ରହିଥାଉ । ସେ ସେବାକାରୀ ବ୍ୟକ୍ତି ଅଟନ୍ତି । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତେରକୁ ଉନ୍ନୀତ କରନ୍ତୁ । ତାଙ୍କର ସନ୍ତାନ ସନ୍ତତିଙ୍କୁ ତାଙ୍କର ପୁଣ୍ୟାବଳୀଗୁଡ଼ିକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।   ।

☆--☆--☆

## ପୃ-2 ର ଅବଶିଷ୍ଟାଂଶ.......

ସେତେବେଳେ ଆପଣ ମୋର ଖଟ ତିଆରି କରିଦେବେ ଏବଂ ଅବଶିଷ୍ଟ ଟଙ୍କା ମୁଁ ପରେ ପୈଠ କରିଦେବି । ସେ କୁହନ୍ତି ଯେ, ଫାର୍ମାସି ଯିବା ପରିବର୍ତ୍ତେ ସେ ମିଶନ୍ ହାଉସ୍ ଫେରି ଆସିଲେ ଏବଂ ମୁଅଲ୍ଲିମ୍ ସାହେବଙ୍କୁ ସମସ୍ତ ବୃତ୍ତାନ୍ତ ଶୁଣାଇଲେ ଏବଂ କହିଲେ, ଅଲ୍ଲାଃତାଲାଙ୍କ କୃପାରୁ ଚାନ୍ଦାର କଲ୍ୟାଣ ଯୋଗୁଁ ଅଲ୍ଲାଃତାଲା ମୋ ଉପରେ ବିଶେଷ କୃପା କଲେ ଏବଂ ମୋର ଆବଶ୍ୟକତା ଠାରୁ ଢେର ଗୁଣା ଅର୍ଥ ମୋତେ ପ୍ରାପ୍ତ ହୋଇଗଲା ।

ସିନିଗାଲ୍‌ରୁ ମୁଅଲ୍ଲିମ୍ ସାହେବ ବର୍ଣ୍ଣନା କରନ୍ତି, ଜଣେ ନୈଷ୍ଠିକ ବନ୍ଧୁ ୱାଗେନ୍ ସାହେବ ତେହ୍‌ରିକେ ଜଦିଦ୍‌ର ଚାନ୍ଦାର 10,000/- ଫ୍ରାଙ୍କ୍ ସିଫାର ୱାଦା ଲେଖାଇଲେ । ତାଙ୍କୁ କୁହାଗଲା ଆଜ୍ଞା ତେହ୍‌ରିକେ ଜଦିଦ୍‌ର ବର୍ଷ ଶେଷ ହେବାକୁ ବସିଲାଣି ଏବଂ ଆପଣଙ୍କର ଚାନ୍ଦା ଆହୁରି ବାକି ଅଛି । ସେ କହିଲେ, ବର୍ତ୍ତମାନ ମୋ ପାଖରେ ପଇସା ତା'ନାହିଁ । କିନ୍ତୁ ଆପଣ ଜମା ଚିନ୍ତା କରନ୍ତୁ ନାହିଁ ସମୟ ସରିବା ପୂର୍ବରୁ ମୁଁ ଚାନ୍ଦା ପୈଠ କରିଦେବି ମୋତେ ନିଜର ବସ୍ତ୍ର ବିକ୍ରି କରି ଚାନ୍ଦାର ଅର୍ଥ ପୈଠ କରିବାକୁ ପଡ଼େ ତେବେ ମଧ୍ୟ ମୁଁ ଚାନ୍ଦା ପୈଠ କରିବି । ଏହା ହେଉଛି ତାଙ୍କର ଉତ୍ସାହ । ମୁଅଲ୍ଲିମ୍ ସାହେବ କୁହନ୍ତି ଯେ, କିଛି ଦିନ ପରେ ସେ ସ୍ୱୟଂ ମୋ ଘରକୁ ଆସିଲେ ଏବଂ କହିଲେ, ମୌଲବୀ ସାହେବ ମୋର ତେହ୍‌ରିକେ ଜଦିଦ୍‌ର ଚାନ୍ଦା ଆଦାୟ କରି ନିଅନ୍ତୁ । କାରଣ ମୁଁ ବହୁତ ଚିନ୍ତିତ ଥିଲି ଏବଂ ଆଜି ମୋର ସୁପୁତ୍ର ମୋ ପାଖକୁ ଅବିଶ୍ୱସନୀୟ ରୂପେ ଟଙ୍କା ପଠାଇଛି । ତେଣୁ ମୁଁ ସର୍ବ ପ୍ରଥମେ ନିଜର ଚାନ୍ଦା ଦେବା ନିମନ୍ତେ ଏଠାକୁ ଚାଲି ଆସିଛି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଜମାଅତ୍‌ରେ ଏପରି ନୈଷ୍ଠିକ ଲୋକ ଅଛନ୍ତି ଯେ, ସେମାନେ କୌଣସି କଥାକୁ ଭୃକ୍ଷେପ କରନ୍ତି ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ନାଇଜେରିୟାର ଅମୀର ସାହେବ କୁହନ୍ତି, ଜଣେ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 22 AUGUST 2024 Issue No. - 34

**MANAGER**
**SHAIKH MUJAHID AHMAD**
**Mobile. : +91 99153 79255**
**e-mail :managerbadrqnd@gmail.com**

ମୁଅଲ୍ଲିମ୍ ସିଲ୍‌ସିଲା ଅଟନ୍ତି । ତାଙ୍କର ପତ୍ନି ଜଣେ ଗୃହିଣୀ ଅଟନ୍ତି । ତାଙ୍କର ନିଜସ୍ୱ କୌଣସି ଆୟ ବା ଆମଦାନୀ ନାହିଁ । ମୁଅଲ୍ଲିମ୍ ସାହେବ ହିଁ ତାଙ୍କର ତେହ୍‌ରିକେ ଜଦିଦ୍‌ର ଚାନ୍ଦାର ୱାଦା ପୈଠ କରିଦେଉଥିଲେ । ଯେତେବେଳେ ତାଙ୍କର ପତ୍ନିଙ୍କୁ ଉକ୍ତ କଥା ଜ୍ଞାତ ହେଲା ସେତେବେଳେ ସେ କହିଲେ, ଚଳିତ ବର୍ଷ ମୁଁ ନିଜର ଚାନ୍ଦା ସ୍ୱୟଂ ପୈଠ କରିଦେବି ଓ ମୋର ୱଦା ୫000/- ସିଫା ଲେଖି ଦିଅନ୍ତୁ । ତାଙ୍କର ସ୍ୱାମୀ ନିଜର ପତ୍ନିଙ୍କୁ କହିଲେ, ହେ ମୋ ପତ୍ନୀ ! ଆପଣ ଚାନ୍ଦା କିପରି ପୈଠ କରିବେ ? ସେ ମୋତେ କହିଲେ, ମୋର ଏହି ବିଶ୍ୱାସ ରହିଛି ଯେ, ଅଲ୍ଲାଃତାଲା ମୋର ବଳିଦାନକୁ ଅବଶ୍ୟ ସ୍ୱୀକାର କରିବେ । ପୁନଶ୍ଚ ତାହା ହିଁ ହେଲା । କିଛି ଦିନ ବିତି ନଥିଲା କି ତାଙ୍କର ଜଣେ ପଡ଼ୋଶୀ ମହିଳା ଆସିଲେ ଏବଂ ତାଙ୍କୁ କହିଲେ, ଆପଣ ଯଦି ସିଲେଇ ଜାଣିଛନ୍ତି ତେବେ ଆପଣ ମୋର କପଡ଼ା ସିଲେଇ କିରି ଦିଅନ୍ତୁ । ତତ୍‌ସହିତ ସେ ତିନି ହଜାର ସିଫା ଅଗ୍ରୀମ ଟଙ୍କା ମଧ ଦେଇ ଦେଲେ। ସୁତରାଂ ମୁଅଲ୍ଲିମ୍ ସାହେବଙ୍କ ପତ୍ନି ସେହି ଟଙ୍କା ତୁରନ୍ତ ତେହ୍‌ରିକେ ଜଦିଦ୍‌ରେ ପୈଠ କିରଦେଲେ । ଏହାପର ଠାରୁ ତାଙ୍କ ନିକଟକୁ ଏତେ କାମ ଆସିଲା ଯେ, ସେ ଅତି ସହଜରେ ନିଜର ଚାନ୍ଦା ସଂପୂର୍ଣ୍ଣ ରୂପେ ପୈଠ କରିଦେଲେ । ଯେତେବେଳେ ତେହ୍‌ରିକେ ଜଦିଦ୍ ଆରମ୍ଭ ହୋଇଥିଲା ମହିଳାମାନଙ୍କୁ ହ. ମୁସ୍‌ଲେହ୍ ମଉଦ୍ ର.ଅ ଚାନ୍ଦା ଦେବା ନିମନ୍ତେ ଆହ୍ୱାନ ଦେଇଥିଲେ ସେତେବେଳେ ମହିଳାମାନେ କହିଲେ, ହୁଜୁର୍ ! ଆଜି ଆପଣ ଆମମାନଙ୍କୁ କହିଥିଲେ ଯେ, 5/- ଟଙ୍କା କିମ୍ବା 10/- ଦିଅ। କିନ୍ତୁ ଏତେ ଟଙ୍କା ଏକା ଥରକେ ଆମେ ଦେଇାପରିବୁ ନାହିଁ । ଟଙ୍କାଏ ଲେଖାଏଁ ଏବଂ ଦୁଇ ଦୁଇ ଟଙ୍କା ଲେଖାଏଁ କରି ଆମେମାନେ ପୈଠ କରିପାରିବୁ। ଆମମୋନଙ୍କୁ ଏହି ଅନୁମତି ଦିଆଯାଉ କି ଆମେମାନେ ମାସିକ ଦେଇଦେବୁ । ଏହି ଉତ୍ସାହ ଯାହାକି ସେତେବେଳେ ଦେଖା ଦେଇଥିଲା ତାହା ଆଜି କେବଳ ଅବ୍ୟାହତ ରହିଛି ତାହା ନୁହେଁ ବରଂ ସେହି ଲୋକମାନଙ୍କ ମଧ୍ୟରେ ଯେଉଁମାନେ ହଜାର ମାଇଲ୍ ଦୂରରେ ବସିଛନ୍ତି, ଉପସ୍ଥିତ ଖଲିଫାଙ୍କର ସିଧା ସଳଖ ସ୍ୱର ଶୁଣି ନିଅନ୍ତି । କିନ୍ତୁ ସେମାନେ ହୁଜୁରଙ୍କ କଥା ବୁଝନ୍ତି ନାହିଁ । କେତେକ ଲୋକମାନେ ଉର୍ଦ୍ଦୁ ଭାଷା ମଧ ଜାଣନ୍ତି ନାହିଁ। କିନ୍ତୁ ନିଷ୍ଠାରେ ଏମାନେ ଖୁବ୍ ଅଭିବୃଦ୍ଧି କରିଛନ୍ତି ।

ସିନିଗାଲ୍‌ରୁ ମୁଅଲ୍ଲିମ୍ ସାହେବ ଉଲ୍ଲେଖ କରନ୍ତି ଯେ, ତାମ୍ବାକୋଣ୍ଡା ନାମକ ଏକ ଜମାଅତ୍ ରହିଛି ଯେଉଁଠି ସଇଦି ସାହେବଙ୍କ ନିକଟରେ ନିଜର ଗାଈ ଓ ମେଣ୍ଢା ପଲ ଅଛନ୍ତି । ସେ ମୁଅଲ୍ଲିମ୍ ସାହେବଙ୍କୁ କଲ୍ କରି ପଚାରିଲେ ଯେ, ମୌଲବୀ ସାହେବ! ଏ ତେହ୍‌ରିକେ ଜଦିଦ୍ ପୁଣି ଗୋଟେ କ'ଣ ? ସେ ଲୋକମାନଙ୍କ ଠାରୁ ଶୁଣି ନେଇଥିଲେ ଯେ, ଅହେମଦିମାନଙ୍କୁ ତେହ୍‌ରିକେ ଜଦିଦ୍‌ର ଚାନ୍ଦା ଦେବା ଉଚିତ୍। ମୁଅଲ୍ଲିମ୍ ସାହେବ ତାଙ୍କୁ ତେହ୍‌ରିକେ ଜିଦଦ୍ ସଂକ୍ରାନ୍ତରେ ବିସ୍ତୃତ ଭାବରେ ବୁଝାଇଲେ ଏବଂ କହିଲେ, ଏହି ଦିନମାନଙ୍କରେ ତେହ୍‌ରିକେ ଜଦିଦ୍‌ର 10 ଦିବସୀୟ କର୍ମାଶାଳା ଅନୁଷ୍ଠିତ ହେଉଅଛି । ମହୋଦୟ କହିଲେ, ତାଙ୍କର ପିତାଶ୍ରୀ ଜଣେ ଧନୀକ ବ୍ୟକ୍ତି ଥିଲେ । କିନ୍ତୁ ସେ ଜକାତ୍ ଏବଂ ଈଶ୍ୱରଙ୍କ ମାର୍ଗରେ ଅର୍ଥ ବ୍ୟୟ କରିବାରେ ଅତ୍ୟନ୍ତ ଦୁର୍ବଳ ଥିଲେ । କିନ୍ତୁ ମୌଲବୀମାନଙ୍କ ସକାଶେ ସେ ଅତିଥି ସତ୍କାର କରୁଥିଲେ। ତାଙ୍କର ପିତାଶ୍ରୀଙ୍କ ବିୟୋଗ ପରେ ଅନେକ ଗୃହପାଳିତ ଜୀବ ତାଙ୍କ ଭାଗକୁ ଆସିଥିଲେ । କିନ୍ତୁ ସେହି ଜୀବମାନଙ୍କୁ ମଧ ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥ ବ୍ୟୟ କରିବାକୁ ଧ୍ୟାନ ସୃଷ୍ଟି ହୋଇ ନାହିଁ । ଯେତେବେଳେ ମୁଅଲ୍ଲିମ୍ ସାହେବ ତାଙ୍କୁ ଜକାତ୍ ଏବଂ ଅନ୍ୟାନ୍ୟ ଚାନ୍ଦା ଦେବା ପ୍ରତି ଧ୍ୟାନ ଆକର୍ଷ କଲେ ସେତେବେଳେ ସେ ଏକ ଗାଈ ଓ ଦୁଇଟି ମେଣ୍ଢା ଚାନ୍ଦାରେ ଦେଇଦେଲେ ଏବଂ କହିଲେ, ହେଇ ଗୋଟିଏ ମେଣ୍ଢା ତେହ୍‌ରିକେ ଜିଦଦ୍ ପାଇଁ ଉଦ୍ଦିଷ୍ଟ ଅଟେ । ଏହାର 7 ଦିନ ପରେ ସେ ଏକ ସ୍ୱପ୍ନ ଦେଖିଲେ ଯେ, ଜୀବମାନଙ୍କ ମଧ୍ୟରେ ଏକ ବିଶେଷ ପ୍ରକାରର ରୋଗ ବ୍ୟାପୁଛି । ଯଦ୍ଦ୍ୱାରାକି ଶରୀରରୁ ଜଳ ନିର୍ଗତ ହୋଇଯାଉଥିଲା ଏବଂ ଜୀବମାନେ ମରି ଚାଲିଥିଲେ । ସେ ନିଜେ ମଧ ଏକ ବିଶାଳ ପଶୁପଲର ମାଲିକ ଅଟନ୍ତି । ସେ ସ୍ୱପ୍ନରେ ଚିନ୍ତିତ ଅବସ୍ଥାରେ ଏହି ବିଚାର କଲେ ଯେ, ତାଙ୍କର ଜୀବମାନେ ମଧ ଅଟନ୍ତି । ସେ ସ୍ୱପ୍ନରେ ହିଁ ଦୁଆ କଲେ ଯେ, ହେ ଈଶ୍ୱର ! ମୋ ଜୀବମାନଙ୍କୁ ରକ୍ଷ କର । ଫଳତଃ ସେ ସ୍ୱପ୍ନରେ ହିଁ ତାଙ୍କୁ ଅତ୍ୟନ୍ତ ଜୋରରେ ସ୍ୱର ଶୁଭିଲା ଯେ, ତେହରିକେ ଜଦିଦ୍ ଯୋଗୁଁ ତୁମର ଜୀବମାନେ ସୁରକ୍ଷିତ ରହିବେ । ଇତି ମଧ୍ୟରେ ସେ ଏକ କାଗଜ ଦେଖିଲେ ଯାହାର ପ୍ରଥମ ପଂକ୍ତିରେ ବିସ୍‌ମିଲ୍ଲାଃ ହିର୍ ରହ୍‌ମାନ ନିର୍‌ରହିମ୍ ଲେଖା ହୋଇଥିଲା ଏବଂ ତାଙ୍କର ନାମ ମଧ ଉଲ୍ଲିଖିତ ଥିଲା । ତାଙ୍କର ଆଖି ଫିଟିଗଲା । ମୁଅଲ୍ଲିମ୍ ସାହେବଙ୍କୁ କଲ୍ କଲେ, ସ୍ୱପ୍ନ କହିଲେ, ମୁଅଲ୍ଲିମ୍ ସାହେବ କହିଲେ ଯେ, ଆପଣଙ୍କୁ ଯେଉଁ ରସିଦ୍ ଦିଆଯାଇଛି ତା'ର ସବା ଉପର ପଂକ୍ତି ପଢନ୍ତି । ସେଠାରେ ବିସ୍‌ମିଲ୍ଲାଃ ହିର୍ ରହ୍‌ମାନ୍ ନିର୍ ରହିମ ଲେଖା ହୋଇଛି ଓ ତା' ତଳକୁ ଆପଣଙ୍କ ନାଁ ମଧ ଲେଖା ହୋଇଛି । ପୁନଶ୍ଚ ତା' ତଳକୁ ତେହ୍‌ରିକେ ଜିଦଦ୍‌ର ଚାନ୍ଦା ଉଲ୍ଲେଖ ହୋଇଛି । ଏହା ଛଡ଼ା ସେ ଆଉ କିଛି ପଢି ପାରୁ ନଥିଲେ। ସେ ଯାହା ହେଉ ସେ କୁହନ୍ତି, ଯେତେବେଳେ ମୁଁ ରସିଦ୍‌କୁ ଦେଖିଲି ଓ ସ୍ୱପ୍ନ ମଧ ଅନୁଧ୍ୟାନ କଲି ସେ,ସେତେବେଳେ ଉକ୍ତ ସ୍ୱପ୍ନ ମୋର ବିଶ୍ୱାସର ଅଭିବୃଦ୍ଧିର କାରଣ ହେଲା । ହୁଜୁର୍ ଅନୱର୍ ଅ.ବ କହିଲେ, ବିଚିତ୍ର ଓ ଅଦ୍ଭୂତ ଶୈଳୀ ମାଧ୍ୟମରେ ଅଲ୍ଲାଃତାଲା ଭକ୍ତଙ୍କର ମାର୍ଗଦର୍ଶନ କରିଥାଆନ୍ତି ।

ଶିନିଗାଲ, ତାନ୍‌ଜାନିୟାର ମୁଅଲ୍ଲିମ୍ ସାହେବ ଉଲ୍ଲେଖ କରନ୍ତି, ରମ୍‌ଜାନ ସାହେବ ନାମକ ଜମାଅତ୍‌ର ଜଣେ ବରିଷ୍ଠ ନବଦୀକ୍ଷିତ ବ୍ୟକ୍ତି ଅଟନ୍ତି । ସେ ଚାନ୍ଦା ତେହ୍‌ରିକେ ଜଦିଦ୍ ନିମନ୍ତେ ଉତ୍ତମ ସ୍ତରର ୱାଦା ଲେଖାଇଲେ । ବିଲ ବାଡ଼ି ଓ ଚାଷବାସ କାମ କରି ସେ ନିଜ ଗୁଜୁରାଣ ମେଣ୍ଟାଉ ଥିଲେ । ବର୍ଷା ନହେବା ଯୋଗୁଁ ଅନେକ ଚାଷୀମାନଙ୍କର ଚାଷ ଭଲ ହୋଇପାରିଲା ନାହିଁ । ରମ୍‌ଜାନ ସାହେବ କହିଲେ, ସେ ସର୍ବଦା ଉକ୍ତ ଚିନ୍ତା ଦ୍ୱାରା ଚିନ୍ତିତ ଥିଲେ । କାରଣ ସେ ନିଜର ୱାଦା ତେହ୍‌ରିକେ ଜଦିଦ୍ କିପରି ପୂରଣ କରିବେ । ସେ କୁହନ୍ତି, ମୁଁ ଏହି କଥା ଚିନ୍ତା କରୁଥିଲି କି ଦିନେ ମୋର ଏକ ପ୍ରିୟଜନଙ୍କର ଫୋନ ଆସିଲା । ସେ ଦୀର୍ଘ ସୟ ଧରି ମୋତେ ଯୋଗଯୋଗ କରି ନଥିଲେ । ସେ ଫୋନ କରି କହିଲେ, ମହୋଦୟ! ମୁଁ ଆପଣଙ୍କୁ କିଛି ଟଙ୍କା ପଠାଉଛି । ଏହି ଟଙ୍କାକୁ ସେ ନିଜ ଘର ନିମନ୍ତେ କିଛି ଖାଦ୍ୟ ସାମଗ୍ରୀ ନେଇନେଲେ । ସେହି ମୁରବି ଜଣଙ୍କୁ ଯେତେବେଳେ ଟଙ୍କା ମିଳିଲା ସେତେବେଳେ ସେ ସିଧା ସେକ୍ରେଟାରୀ ମାଲଙ୍କ ନିକଟକୁ ଗଲେ ଏବଂ ନିଜର ପ୍ରତିଶୃତି ପୂରଣ କଲେ ଏବଂ ଅତିରିକ୍ତ ଚାନ୍ଦା ମଧ ପୈଠ କଲେ । ତାଙ୍କ କହିବା କଥା ଏହି ସମସ୍ତ ପ୍ରସଙ୍ଗରେ ଅଲ୍ଲାଃତାଲା ମୋତେ ସାହାଯ୍ୟ କରିଛନ୍ତି । କାରଣ ମୁଁ ଯେପରି ନିଜର ଚାନ୍ଦାର ପ୍ରତିଶୃତି ପୂରଣ କରିପାରିବି । ସୁତରାଂ ଏହା ଥିଲା ସେହି ଲୋକମାନଙ୍କର ବଳିଦାନର ସ୍ତର ଏବଂ ନବଦୀକ୍ଷିତ ମାନଙ୍କର ବଳିଦାନର ସ୍ତର । ଜମାଅତ୍‌ର ବିରୋଧୀମାନେ ଜମାଅତ୍‌କୁ ନିଶ୍ଚିହ୍ନ କରିଦେବା ପାଇଁ ଯେଉଁଠି ପ୍ରୟାସ ଏବ ବଳ ପ୍ରୟୋଗ କରିଥିଲ । ପୁନଶ୍ଚ ଦେଖନ୍ତୁ ଯେ, ଅଲ୍ଲାଃତାଲା କିପରି ନବଦୀକ୍ଷିତମାନଙ୍କର ହୃଦୟରେ ଜମାଅତ୍ ସକାଶେ ବଳିଦାନ ଦେବା ନିମନ୍ତେ ତେହ୍‌ରିକ ବା ଆହ୍ୱାନ ସୃଷ୍ଟି କଲେ ଓ ପୁନଶ୍ଚ କିପରି ସମ୍ମାନିତ ମଧ କରୁଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଯେଉଁ ଦୀପକୁ ପ୍ରଜ୍ୱଳିତ କରିଛନ୍ତି କ'ଣ ବିରୋଧୀମାନଙ୍କର ଫୁଙ୍କ ଦ୍ୱାରା ଉକ୍ତ ସଂପ୍ରଦାୟର ସେହି ଦୀପର ବତୀ ଲିଭି ପାରିବ କି ? ଯେତେ ଇଚ୍ଛା ସେତେ ବଳ ପ୍ରୟୋଗ କରି ନିଅନ୍ତୁ ପଛେ ବିରୋଧୀମାନେ ତହିଁରେ ଅକୃତକାର୍ଯ୍ୟ ରହିବେ ଏବଂ ଅସଫଳତା ସେମାନଙ୍କ ଭାଗ୍ୟରେ ନିୟତିକୃତ ହୋଇ ରହିଛି । ଜମାଅତ୍ ପୃଥିବୀର କୋଣ ଅନୁକୋଣରେ ବଳିଦାନର ଉଦାହରଣ ସ୍ଥାପନ କରି ଉନ୍ନତି କରି ଚାଲିଛି । ହ. ମୁସ୍‌ଲେହ୍ ମଉଦ୍ ର.ଅ ଏହି କାରଣରୁ ପ୍ରାରମ୍ଭରୁ ହିଁ ତେହ୍‌ରିକେ ଜଦିଦ୍ ଆରମ୍ଭ କରିଥିଲେ ଯେ, ଜମାଅତ୍ ବିରୁଦ୍ଧରେ ପ୍ରତ୍ୟେକ ପାର୍ଶ୍ୱରୁ ଉପଦ୍ରବ, ଦଙ୍ଗାର ଆଶଙ୍କା ରହିଥିଲା । ଏପର୍ଯ୍ୟନ୍ତକି ଦେଶର ଅଫିସରମାନେ ମଧ ବିରୋଧୀମାନଙ୍କର ପୃଷ୍ଠପୋଷକ ଅର୍ଥାତ ସମର୍ଥନ ଓ ସାହାଯ୍ୟ କରୁଥିଲେ । ତେହ୍‌ରିକେ ଜଦିଦ୍‌ର ଅଭିପ୍ରାୟ ଏହା ଥିଲା ଯେ, ତବ୍‌ଲିଗ୍ କରି ଜମାଅତ୍‌କୁ ବୃଦ୍ଧି କରାଯାଉ ଏବଂ ସଂସାରର ପ୍ରତ୍ୟେକ ଦେଶରେ ଜମାଅତ୍ ଅହେମଦିୟା ମାଧ୍ୟମରେ ଇସ୍‌ଲାମ୍ ଧର୍ମର ଧ୍ୱଜା ଉଡ଼ୁ । ସୁତରାଂ ଜମାଅତ୍ ଅହେମଦିୟା ମାଧ୍ୟମରେ ଇସ୍‌ଲାମ୍ ଧର୍ମର କୋଳକୁ ଯେଉଁ ଲୋକମାନେ ଆସିଛନ୍ତି, ଯେଉଁ ବିଶ୍ୱାସ, ଆସ୍ଥା ଓ ବଳିଦାନର ଉଦାହରଣ ସ୍ଥାପନ କରିବାକୁ ପ୍ରୟାସ କରୁଛନ୍ତି ତାହା ଅତୁଳନୀୟ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଘଟଣାବଳୀ ତ' ଅସଂଖ୍ୟ ରହିଛି, କିନ୍ତୁ ସେହି ସମସ୍ତ ଘଟଣାବଳୀକୁ ବର୍ତ୍ତମାନ ଏଠାରେ ବର୍ଣ୍ଣନା କରାଯାଇ ପାରିବ ନାହିଁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ତେହ୍‌ରିକେ ଜଦିଦ୍ ସଂକ୍ରାନ୍ତରେ ମୁଁ ଏହି ପୃଷ୍ଠଭୂମି ସଂପର୍କରେ କହିଦେବାକୁ ଚାହୁଁଛି । ଯେପରିକି ମୁଁ ଚର୍ଚ୍ଚା କଲି ଜମାଅତ୍ ବିପକ୍ଷରେ ପ୍ରତ୍ୟେକ ଦିଗରୁ ଉପଦ୍ରବ ଏବଂ ହିଂସା ଉଠୁଥିଲା । ବିଶେଷ କରି ଏହରାର୍‌ମାନେ ତ' ଉପଦ୍ରବ ସୃଷ୍ଟି କରିବା ପାଇଁ ନିଜର ସମସ୍ତ ଧନ ଓ ସମସ୍ତ ଶକ୍ତି ବିନିଯୋଗ କରି ଦେଉଥିଲେ । ଜମାଅତ୍ ବିପକ୍ଷରେ ଏହି ସ୍ଲୋଗାନ୍ ରିହଥିଲା ଯେ, ଜମାଅତ୍‌କୁ ଭୂପୃଷ୍ଠରୁ ନିଶ୍ଚିହ୍ନ କରିଦେବେ ଓ କାଦିଆନ୍‌ର ସର୍ବନାଶ କରିଦେବୁ । ଏହିସବୁ କଥା ଏହରାର୍‌ମାନେ କହୁଥିଲେ । ଏପର୍ଯ୍ୟନ୍ତକି ହ. ମସିହ ମଉଦ୍ ଅ.ସଙ୍କ ପବିତ୍ର କବର୍ (ସମାଧି ସ୍ଥଳ)ର ସମ୍ମାନକୁ କ୍ଷୁର୍ଣ୍ଣ କରିବାର ଯୋଜନା ପ୍ରସ୍ତୁତ କରାଯାଇଥିଲା । ସରକାରଙ୍କ ପକ୍ଷରୁ ମଧ ବିରୋଧୀମାନଙ୍କ ସପକ୍ଷରେ ଅଧିକ ଧ୍ୟାନ ଆସିଥିଲା । ଏସବୁ ସତ୍ତ୍ୱେ ସେତେବେଳେ ଇଂରେଜ ସରକାରଙ୍କ ଶାସନ ଥିଲା । ଉପଦ୍ରବକୁ ସମାପ୍ତ କରିବା ବଦଳରେ ଉପଦ୍ରବକୁ ସମର୍ଥନ ଜଣା ଯାଉଥିଲା । ତେବେ ଏହି ପରିସ୍ଥିତିରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଜମାଅତ୍ ପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ତେହ୍‌ରିକ୍ (ଆହ୍ୱାନ) କଲେ ଏବଂ ଉକ୍ତ ଆହ୍ୱାନରେ ଆର୍ଥିକ ବଳିଦା ଦେବା ପ୍ରତି ଧ୍ୟାନ ଆକର୍ଷଣ କରାଗଲା । **(ଅବଶିଷ୍ଟାଂଶ .........ପରବର୍ତ୍ତୀ ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan